ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075



# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ


ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004/83 | Vol. : 45/ Issue : 159 | Brahmapur | Monday 20 July 2026 | ବର୍ଷ: ୪୫/ ଅଙ୍କ: ୧୫୯ | ସୋମବାର ୨୦ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|


# କଡ଼ା ସୁରକ୍ଷା ବଳୟରେ ଆଜିଠୁ ହେବ ମୌସୁମୀ ଅଧିବେଶନ


ନୂଆଦିଲ୍ଲୀ,୧୯।୭: ସୋମବାରଠାରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନକୁ ଦୃଷ୍ଟିରେ ରଖି ଜାତୀୟ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ ଅଭୂତପୂର୍ବ ଭାବେ କଡ଼ାକଡ଼ି କରାଯାଇଛି। ସଂସଦ ଭବନ, ବିଜୟ ଚକ, ଜନପଥ, ନର୍ଥ ଓ ସାଉଥ ବ୍ଲକ ସମେତ ସଂସଦ ଆଖପାଖ ଅଞ୍ଚଳରେ ବହୁସ୍ତରୀୟ ସୁରକ୍ଷା ବଳୟ ସୃଷ୍ଟି କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଏବଂ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯାଇଛି। ପୁଲିସ ସୂତ୍ର ଅନୁସାରେ, ଜନ୍ତର-ମନ୍ତରରେ ଚାଲିଥିବା ବିଭିନ୍ନ ସଂଗଠନର ଆନ୍ଦୋଳନ, କେତେକ ରାଜନୈତିକ ଦଳର ସଂସଦ ମାର୍ଚ୍ଚ ଘୋଷଣା ଏବଂ ମୌସୁମୀ ଅଧିବେଶନ ସମୟରେ ବିରୋଧ ପ୍ରଦର୍ଶନର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ବିଶେଷକରି କକରୋଜ ଜନତା ପାର୍ଟି ପକ୍ଷରୁ ସଂସଦ ମାର୍ଚ୍ଚ ଡାକରା ଦିଆଯାଇଥିବାରୁ ପୁଲିସ ସତର୍କ ରହିଛି। ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି ଯେ, ସୋମବାର ପ୍ରସ୍ତାବିତ କୌଣସି ସଂସଦ ମାର୍ଚ୍ଚ ପାଇଁ ଅନୁମତି ଦିଆଯାଇନାହିଁ। ଏପର୍ଯ୍ୟନ୍ତ ସମ୍ପୃକ୍ତ ସଂଗଠନ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ଆବେଦନ ମଧ୍ୟ ମିଳିନଥିବା ସୂଚନା ଦେଇଛି



ପୁଲିସ। ବାରମ୍ବାର ସମ୍ପର୍କ କରାଯାଇଥିଲେ ମଧ୍ୟ ଆୟୋଜକଙ୍କ ପକ୍ଷରୁ ସ୍ପଷ୍ଟ ସୂଚନା ନମିଳିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଅଧିକ ସତର୍କ ହୋଇଛନ୍ତି। ସଂସଦ ପରିସରର ପ୍ରାୟ ୫୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ବହୁସ୍ତରୀୟ ବ୍ୟାରିକେଡିଂ କରାଯାଇଛି। ଦିଲ୍ଲୀ ପୁଲିସ ସହ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳର ବହୁ ସଂଖ୍ୟକ ଯବାନଙ୍କୁ ମୁତୟନ କରାଯାଇଛି। ପ୍ରବେଶ ପଥଗୁଡ଼ିକରେ କଡ଼ା ଯାଞ୍ଚ ବ୍ୟବସ୍ଥା, ସିସିଟିଭି ନଜରଦାରି, ବୋମା ନିଷ୍କ୍ରିୟକରଣ ଦଳ, ଡଗ୍ ସ୍କ୍ୱାଡ୍ ଓ କ୍ୱିକ୍ ରିଆକ୍ସନ୍ ଟିମ୍‌କୁ ମଧ୍ୟ ସଜାଗ ରଖାଯାଇଛି। ସଂସଦ ପରିସର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ପ୍ରକାରର ରାଲି, ଧାରଣା, ବିକ୍ଷୋଭ କିମ୍ବା ଧର୍ମଘଟ ଉପରେ କଟକଣା ଜାରି କରାଯାଇଛି। ସାଂସଦ, କର୍ମଚାରୀ ଓ ଅନ୍ୟ ଅନୁମୋଦିତ ବ୍ୟକ୍ତିଙ୍କୁ ମଧ୍ୟ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ସଂସଦ ଭିତରକୁ ପୋଷ୍ଟର, ବ୍ୟାନର, ପ୍ଲାକାର୍ଡ କିମ୍ବା ପ୍ରଦର୍ଶନ ସାମଗ୍ରୀ ନେବା ଉପରେ ମଧ୍ୟ ନିଷେଧାଦେଶ ଜାରି ହୋଇଛି। ଏପଟେ, ଜାମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇବା ଦାବିରେ ନ୍ୟାସନାଲ କନଫରେନ୍ସ ପକ୍ଷରୁ ଜନ୍ତର-ମନ୍ତରରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ଘୋଷଣା କରାଯାଇଛି। ଏହାଛଡ଼ା ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ ମଧ୍ୟ ଅଧିବେଶନ ସମୟରେ ନିଜ ଦାବି ଉପସ୍ଥାପନ କରିବାକୁ ଯୋଜନା କରୁଥିବାରୁ ସୁରକ୍ଷା ସଂସ୍ଥାଗୁଡ଼ିକ ଅଧିକ ସତର୍କ ରହିଛନ୍ତି।

ଚଳିତ ମୌସୁମୀ ଅଧିବେଶନରେ ବିଭିନ୍ନ ଜାତୀୟ ପ୍ରସଙ୍ଗ, ବିଧେୟକ ଓ ବିରୋଧୀ ଦଳର ଆକ୍ରମଣାତ୍ମକ ରଣନୀତିକୁ ନେଇ ଉଭୟ ଲୋକସଭା ଓ ରାଜ୍ୟସଭାରେ ତୀବ୍ର ଆଲୋଚନା ଓ ହଙ୍ଗାମା ହେବାର ସମ୍ଭାବନା ରହିଛି। ତେଣୁ ଅଧିବେଶନ ନିର୍ବିଘ୍ନରେ ପରିଚାଳନା କରିବା ଏବଂ ରାଜଧାନୀରେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିଛନ୍ତି।

# ହୀରାକୁଦ ଜଳଭଣ୍ଡାରର ଖୋଲିଲା ଚାରି ଗେଟ୍



ସମ୍ବଲପୁର,୧୯।୭: ଉପରମୁଣ୍ଡରେ ଲଗାତାର ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତିକୁ ଦୃଷ୍ଟିରେ ରଖି ଜଳ ପରିଚାଳନା ପାଇଁ କର୍ତ୍ତୃପକ୍ଷ ହୀରାକୁଦ ଡ୍ୟାମର ୪ଟି ସ୍ଲୁଇସ୍ ଗେଟ୍ ଖୋଲିଛନ୍ତି। ଏହା ମଧ୍ୟରୁ ବାମ ପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୧.୫୦ ଫୁଟ୍‌ରେ ପହଞ୍ଚିଛି। ବର୍ତ୍ତମାନ ଉପରମୁଣ୍ଡରୁ ହାରାହାରି ୧ ଲକ୍ଷ ୫୭ ହଜାର କ୍ୟୁସେକ ବନ୍ୟା ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି। ଏହାର ମୁକାବିଲା ପାଇଁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଗେଟ୍ ଓ କେନାଲ ଦେଇ ପ୍ରାୟ ୩୩ ହଜାର ୬୨ କ୍ୟୁସେକ ଜଳ ନିଷ୍କାସିତ ହେଉଛି।ଆଗକୁ ଉପରମୁଣ୍ଡରୁ ଜଳପ୍ରବେଶର ପରିମାଣ ଏବଂ ସାମଗ୍ରିକ ସ୍ଥିତିକୁ ଅନୁଧ୍ୟାନ କରି ଆହୁରି ଅଧିକ ଗେଟ୍ ଖୋଲାଯିବ କି ନାହିଁ, ସେ ନେଇ ଡ୍ୟାମ କର୍ତ୍ତୃପକ୍ଷ ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ନଦୀ ଅବବାହିକା ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି।

# ଆଡ଼ପ ମଣ୍ଡପରୁ ଆଡ଼ପ ଅବଢ଼ା ପାଇଲେ ଭକ୍ତ

ପୁରୀ ୧୯।୭: ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଚତୁର୍ଥ ଦିବସ । ରବିବାର ଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ଆଡ଼ପ ଦର୍ଶନ। ଏହାସହ ଆଡ଼ପ ମଣ୍ଡପରେ ବାହାରିଲା ପ୍ରଥମ ଆଡ଼ପ ଅବଢ଼ା । ସକାଳ ଧୂପରେ ବାହାରିଲା ଆଡ଼ପ ଅବଢ଼ା । ଆଡ଼ପ ଅବଢ଼ା ପାଇ ଭକ୍ତ ଆନନ୍ଦିତ । ସକାଳ ଧୂପରେ ବାହାରିଛି ଆଡ଼ପ ଅବଢ଼ା । ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ସହିତ ଆଡ଼ପ ଅବଢ଼ା ପାଇ ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ।ରବିବାର ପ୍ରଥମ ଦିନ ହୋଇଥିବାରୁ ଭକ୍ତଙ୍କ ଅସମ୍ଭବ ଭିଡ଼ ହୋଇଥିଲା । ଲମ୍ବା ବ୍ୟାରିକେଡ଼ରେ ଭକ୍ତ ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରୁଛନ୍ତି । ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ଦର୍ଶନ କରିବା ପରେ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି ଭକ୍ତ । ରବିବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ବନକଲାଗି ନୀତି ଅନୁଷ୍ଠିତ ହେବ। ତେଣୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଠିଆ ହୋଇ ଅଧିକାଂଶ ଭକ୍ତ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଶନିବାର ଗୋଟି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରିବା ପରେ ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କର ଅନେକ ଗୁଡ଼ିଏ ନୀତି କାନ୍ତି ଥିବାରୁ ପହୁଡ଼ କରାଯାଇନଥିଲା । ତେବେ ରବିବାର ସକାଳ ୯ଟା ୫୫ରେ ମଙ୍ଗଳ ଆଳତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ସକାଳୁ ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବ୍ୟାରିକେଡ଼ରେ ଦୀର୍ଘ ସମୟ ଅପେକ୍ଷା କରି ଭକ୍ତ ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ । ଉଭୟ ସାହାଣ ମେଳା ଓ ପରିମାଣିକ ଟିକେଟ ଦର୍ଶନ ଚାଲିଥିଲା । ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ଆଡପ ଅବଢା ପାଇ ଭକ୍ତ ନିଜକୁ ଧନ୍ୟ ଓ ଭାଗ୍ୟବାନ ମଣିଛନ୍ତି। ସୁଆର ମହାସୁଆର ନିଯୋଗ ପକ୍ଷରୁ ୫୦ ହଜାରରୁ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଧୂପରେ ଆଡ଼ପ ଅବଢ଼ା ପ୍ରସ୍ତୁତ ହୋଇଥିବା କହିଛନ୍ତି ସେବାୟତ । ତେବେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ଭକ୍ତମାନେ ଦୀର୍ଘ ସମୟ ଧରି ବ୍ୟାରିକେଡ଼ ଠିଆ ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ । ବ୍ୟାରିକେଡ଼ରେ ସେଡ୍ ବା ଛାଇ ବ୍ୟବସ୍ଥା ହୋଇନଥିବା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଯାହାକୁ ନେଇ ଭକ୍ତମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ବିଜେପିରେ ମିଶିବେ ବିକ୍ରମ ଆରୁଖ !

ଭୁବନେଶ୍ୱର୧୯।୭: ଅନ୍ୟ ରାଜ୍ୟ ପରି ଓଡିଶାରେ ମଧ୍ୟ ଶାସକ ବିଜେପିରେ ଜଣେ ପରେ ଜଣେ ନେତା ଓ ଶହ ଶହ କର୍ମୀ ମିଶିବାରେ ଲାଗିଛନ୍ତି । ବିଜେଡିର ଅନେକ ରାଜ୍ୟସଭା ସଦସ୍ୟ ଦଳ ଛାଡି ବିଜେପିରେ ମିଶି ପୁଣି ଥରେ ରାଜ୍ୟସଭା ଗଲେଣି । ନିକଟରେ ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ବହୁ ଆଡମ୍ବର ସହ ପଦ୍ମ ଧରିଛନ୍ତି । ଏହା ମଧ୍ୟରେ ଓଡ଼ିଶା ରାଜନୀତିରେ ପୁଣି ଏକ ବଡ଼ ଧରଣର ଓଲଟପାଲଟ ହେବାକୁ ଯାଉଛି। ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ଗଞ୍ଜାମ ରାଜନୀତିର ବରିଷ୍ଠ ନେତା ବିକ୍ରମ କେଶରୀ ଆରୁଖ ଖୁବ୍?ଶୀଘ୍ର ପଦ୍ମ ଶିବିରରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ବିଶେଷ କରି ତାଙ୍କ ନିଜ ଜିଲ୍ଲାର ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏଭଳି ଏକ ବଡ଼ ଇସାରା ଦେବା ପରେ ଏହି ସଂକ୍ରାନ୍ତୀୟ ରାଜନୈତିକ କଳ୍ପନାଜଳ୍ପନା ଆହୁରି ତେଜିଯାଇଛି।

ଏହି ବିଷୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ଯଦି କୌଣସି ଜଣେ ବି ସାଧାରଣ କାର୍ଯ୍ୟକର୍ତ୍ତା ଦଳକୁ ଆସନ୍ତି, ତେବେ ସଂଗଠନ ଆହୁରି ସୁଦୃଢ଼ ହୋଇଥାଏ। ବିକ୍ରମ ଆରୁଖଙ୍କ ଭଳି ଜଣେ ପ୍ରଭାବଶାଳୀ ନେତା ଯଦି ନିଜର ବିପୁଳ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୁଅନ୍ତି, ତେବେ ଗଞ୍ଜାମ ଜିଲ୍ଲାରେ ଦଳର କଳେବର ଓ ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ। ଗତ ସାଧାରଣ ନିର୍ବାଚନରେ ଗଞ୍ଜାମବାସୀ ବିଜେପିକୁ ଭରପୂର ଆଶୀର୍ବାଦ ଦେଇ ଜିଲ୍ଲାର ୧୩ଟି ବିଧାନସଭା ଆସନରୁ ୧୧ଟିରେ ବିଜୟୀ କରାଇଛନ୍ତି। ଆଗାମୀ ଦିନରେ ଦଳ ଏଠାରେ ୧୩ରୁ ୧୩ଟି ଯାକ ଆସନ ଜିତିବାକୁ ଲକ୍ଷ୍ୟ ରଖିଛି।

ମନ୍ତ୍ରୀ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ବର୍ତ୍ତମାନ ବିଜେଡି ଭିତରେ ଅନେକ ନେତା ଅସନ୍ତୁଷ୍ଟ ଅଛନ୍ତି, ମାତ୍ର ସେମାନେ ପ୍ରକାଶ କରିପାରୁନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ 'ବିକଶିତ ଓଡ଼ିଶା' ଗଠନର ସଂକଳ୍ପ ନେଇ ବହୁ ନେତା ବିଜେପି ଆଡ଼କୁ ଆକୃଷ୍ଟ ହେଉଛନ୍ତି। କେବଳ ବିଜେଡି ନୁହେଁ, ବରଂ କଂଗ୍ରେସ ଦଳରୁ ମଧ୍ୟ ଅନେକ ପ୍ରମୁଖ ନେତା ବିଜେପି ସହ ଯୋଗାଯୋଗରେ ଥିବା ସେ ପ୍ରକାଶ କରିଛନ୍ତି। ଯଦି ଏହି ମିଶ୍ରଣ ପର୍ବ ସଫଳ ହୁଏ, ତେବେ ଆଗାମୀ ଦିନରେ ଗଞ୍ଜାମ ସମେତ ସମଗ୍ର ଓଡ଼ିଶା ରାଜନୀତିରେ ବିଜେଡିକୁ ଏକ ବଡ଼ ଝଟ୍‌କା ଲାଗିବା ନିଶ୍ଚିତ।

## ଦିବ୍ୟାଙ୍ଗ ବାଳିକାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର

# ନିଯୁକ୍ତି ସହ ସ୍ୱତନ୍ତ୍ର ଭାବେ ଜଗନ୍ନାଥ ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର,୧୯।୭: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଆଜି ଏକ ଅପୂର୍ବ ଆତ୍ମୀୟତା ଏବଂ ଭାବବିନିମୟର ସାକ୍ଷୀ ହୋଇଛି। କେନ୍ଦୁଝରର ସାମାଜିକ ଅନୁଷ୍ଠାନ 'ସେବା ଫାଉଣ୍ଡେସନ୍'ର ପ୍ରାୟ ୫୦ ଜଣ ଶାରୀରିକ ଦିବ୍ୟାଙ୍ଗ ଏବଂ ବାକ୍ ଓ ଶ୍ରବଣ ବାଧିତ ବାଳିକା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ସ୍ନେହପୂର୍ଣ୍ଣ ବ୍ୟବହାର ଏହି ସ୍ୱତନ୍ତ୍ର ପ୍ରତିଭାମାନଙ୍କ ମନରେ ନୂତନ ଉତ୍ସାହ ସୃଷ୍ଟି କରିଛି। ଏହି ସାକ୍ଷାତକାର ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କର ବିଭିନ୍ନ ସମସ୍ୟା, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତାକୁ ନେଇ ଆଲୋଚନା କରିଥିଲେ। ଫାଉଣ୍ଡେସନ୍ ପକ୍ଷରୁ ବାଳିକାମାନଙ୍କୁ ସିଲାଇ ଓ ହସ୍ତଶିଳ୍ପର ତାଲିମ



ଦିଆଯାଉଥିବା ଜାଣିବା ପରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ଆଗାମୀ ବୟନ ଶିଳ୍ପଗୁଡ଼ିକ ସହ ଏହି ପ୍ରଶିକ୍ଷିତ ବାଳିକାମାନଙ୍କୁ ଯୋଡ଼ାଯିବ, ଯାହାଦ୍ୱାରା ସେମାନେ ସ୍ଥାୟୀ ରୋଜଗାର ପାଇ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଲ୍ୟାଣକାରୀ ଯୋଜନା ଓ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ସଫଳତା ପାଇଁ ଦକ୍ଷତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ସାରା ରାଜ୍ୟରେ ଥିବା ଦିବ୍ୟାଙ୍ଗ ପିଲାଙ୍କୁ ସରକାରଙ୍କ ତରଫରୁ ବାସଗୃହ, ଗ୍ୟାସ ସଂଯୋଗ, ଶୌଚାଳୟ, ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ପିଲାମାନଙ୍କ ଆବଶ୍ୟକତାକୁ ଦେଖି କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଣ୍ଠି ଏବଂ ସରକାରୀ ଯୋଜନା ମାଧ୍ୟମରେ ତୁରନ୍ତ ଆଧୁନିକ ଶ୍ରବଣ ଯନ୍ତ୍ର ଓ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜଧାନୀର ବିଭିନ୍ନ ସ୍ଥାନ ବୁଲିବା ସହ ଏହି ସ୍ୱତନ୍ତ୍ର ଅତିଥିମାନେ ଯେପରି ସୁରକ୍ଷିତ ଭାବେ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

# ୟୁରୋପୀୟ ଦେଶ ଗସ୍ତରେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୯।୭: ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁଙ୍କ ତିନି ରାଷ୍ଟ୍ର ଗସ୍ତ ଆରମ୍ଭ ହୋଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସେୟାର କରାଯାଇଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ରବିବାର ସକାଳେ ରାଜଧାନୀ ନୂଆଦିଲ୍ଲୀରୁ ପ୍ରସ୍ଥାନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ଏହି ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ନୂତନ ଗତି ଦେବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ଲେଖିଛି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଲଡୋଭା ଗଣରାଜ୍ୟ, ଉତ୍ତର ମାସିଡୋନିଆ ଗଣରାଜ୍ୟ ଏବଂ ରୋମାନିଆର ଏକ ସରକାରୀ ଗସ୍ତ ଆରମ୍ଭ କରିଛନ୍ତି। ଏହା ଜଣେ ଭାରତୀୟ ରାଷ୍ଟ୍ରପତିଙ୍କ ମାଲଡୋଭା ଏବଂ ଉତ୍ତର ମାସିଡୋନିଆର ପ୍ରଥମ ଗସ୍ତ ଏବଂ ତିନି ଦଶନ୍ଧି ମଧ୍ୟରେ ରୋମାନିଆକୁ ଭାରତୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ। ଗସ୍ତ ଏହି ତିନୋଟି ଦେଶର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣରେ ଅନୁଷ୍ଠିତ ହେଉଛି।ଏହି ଗସ୍ତ ଜୁଲାଇ ୧୯ ରୁ ୨୫ ପର୍ଯ୍ୟନ୍ତ ଜାରି ରହିବ। ଏହି ଗସ୍ତର ଲକ୍ଷ୍ୟ ଏହି ୟୁରୋପୀୟ ଦେଶଗୁଡ଼ିକ ସହିତ ଭାରତର ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କକୁ ମଜବୁତ କରିବା।

## ଆନ୍ଧ୍ର ପରେ କୋଲକାତାରେ କୋଭିଡ ଆତଙ୍କ

କୋଲକାତା, ୧୯।୭: କୋଲକାତାରେ ପୁଣି ଥରେ କରୋନା ସଂକ୍ରମଣକୁ ନେଇ ଚିନ୍ତା ବଢ଼ିଛି । ଗାରିଆ ଅଞ୍ଚଳର ଜଣେ ୧୦ ବର୍ଷର ବାଳକ କୋଭିଡ୍-୧୯ରେ ସଂକ୍ରମିତ ହୋଇ ପିଅରଲେସ୍ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ହସ୍ପିଟାଲ ସୂତ୍ର ଅନୁଯାୟୀ, ବାଳକଟି ଜ୍ୱର, କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ନେଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ସନ୍ଦେହ ପରେ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା ଏବଂ ରିପୋର୍ଟ ପଜିଟିଭ୍ ଆସିଥିଲା। ପରୀକ୍ଷାରେ ଡାହାଣ ଫୁସଫୁସରେ ହାଲୁକା ନିମୋନିଆ ମଧ୍ୟ ଚିହ୍ନଟ ହୋଇଛି । ଡାକ୍ତରମାନଙ୍କ କହିବା ଅନୁଯାୟୀ, ବାଳକକୁ ଆଇସୋଲେସନରେ ରଖାଯାଇ ସହାୟକ ଚିକିତ୍ସା, ନେବୁଲାଇଜର ଓ ଆବଶ୍ୟକ ଔଷଧ ଦିଆଯାଉଛି। ତାଙ୍କ ମାଆଙ୍କୁ ମଧ୍ୟ ଆଇସୋଲେସନରେ ରଖାଯାଇଛି ଏବଂ ତାଙ୍କର କୋଭିଡ୍ ପରୀକ୍ଷା କରାଯିବ । ଶିଶୁରୋଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ପିଲାମାନଙ୍କ ମଧ୍ୟରେ ଜ୍ୱର, କାଶ ଓ ଥଣ୍ଡା ଭଳି ଲକ୍ଷଣ ଦେଖାଯାଉଛି। ତେବେ କୋଭିଡ୍‌କୁ ନେଇ ଅଯଥା ଭୟଭୀତ ନହୋଇ ସତର୍କ ରହିବା ଆବଶ୍ୟକ। ଏପଟେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ସମେତ ଦେଶର ଅନେକ ରାଜ୍ୟରେ ନୂଆ କୋଭିଡ୍ ସଂକ୍ରମଣ ଚିହ୍ନଟ ହେଉଛି। ଆନ୍ଧ୍ରପ୍ରଦେଶରେ ନୂଆ ସବ୍-ଭାରିଆଣ୍ଟ ସିକାଡା ନେଇ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଛି ।

## ଅଣ୍ଡା ଦର ମହଙ୍ଗା

ଭୁବନେଶ୍ୱର, ୧୯।୭: ବଜାରରେ ଅଣ୍ଡା ଦର ବୃଦ୍ଧି ପାଇବା ପଛରେ ବିଭିନ୍ନ କାରଣ ଥିବା ନେଇ ପୋଲ୍ଟ୍ରି ଉତ୍ପାଦକମାନେ କହିଛନ୍ତି । ଉତ୍ପାଦକମାନେ ବର୍ତ୍ତମାନ ପ୍ରାୟ ୭ ଟଙ୍କା ୨୦ ପଇସା ଦରରେ ଅଣ୍ଡା ଯୋଗାଉଥିବା ବେଳେ ଖୁଚୁରା ବଜାରରେ ଗୋଟିଏ ଅଣ୍ଡାର ଦର ୯ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି । ଦେଶର ଅନେକ ସ୍ଥାନରେ ଫିଡ୍ ଖର୍ଚ୍ଚ ବୃଦ୍ଧି ଓ ଉତ୍ପାଦନ ବ୍ୟୟ ବଢ଼ିବା ମଧ୍ୟ ଅଣ୍ଡା ଦର ଉପରେ ପ୍ରଭାବ ପକାଇଛି । ପୋଲ୍ଟ୍ରି ଶିଳ୍ପ ସହ ଜଡ଼ିତ ଲୋକଙ୍କ କହିବା ଅନୁସାରେ, ବିଶ୍ୱ ବଜାରରେ ଅଣ୍ଡାର ଚାହିଦା ବୃଦ୍ଧି ପାଇଥିବାରୁ ରପ୍ତାନି ମଧ୍ୟ ବଢ଼ିଛି । ଏହାର ପ୍ରଭାବରେ ଦେଶୀୟ ବଜାରରେ ଯୋଗାଣ ଉପରେ ଚାପ ସୃଷ୍ଟି ହେଉଛି । ତେବେ ରପ୍ତାନିର ଭୂମିକା ଅଞ୍ଚଳ ଓ ସମୟ ଅନୁସାରେ ପରିବର୍ତ୍ତନଶୀଳ ରହେ । ପ୍ରଚଣ୍ଡ ଗରମ ମଧ୍ୟ ପୋଲ୍ଟ୍ରି ଉତ୍ପାଦନକୁ ପ୍ରଭାବିତ କରିଛି । ଉଚ୍ଚ ତାପମାତ୍ରା କାରଣରୁ ପକ୍ଷୀମାନଙ୍କ ମୃତ୍ୟୁହାର ବୃଦ୍ଧି ପାଇଥିବାରୁ ଅଣ୍ଡା ଉତ୍ପାଦନ କମିଥିବା ଉତ୍ପାଦକମାନେ ଦାବି କରିଛନ୍ତି । ଗରମ ଯୋଗୁଁ ଉତ୍ପାଦନ ହ୍ରାସ ଓ ଖର୍ଚ୍ଚ ବୃଦ୍ଧି ଅଣ୍ଡା ଦର ବଢ଼ିବାର ଏକ କାରଣ ବୋଲି ଶିଳ୍ପ ମହଲର ମତ ରହିଛି ।

## ମହାପ୍ରଭୁଙ୍କ ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାରର ଗଣତି-ମଣତି ଶେଷ

# ୯ଟି ରତ୍ନ ଅଳଙ୍କାରର ହେଲା ଯାଞ୍ଚ

ପୁରୀ ୧୯।୭: ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଦୁର୍ଲଭ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି । ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଅଳଙ୍କାର ଓଲାଗି ପରେ ଆଜି କରାଯାଇଥିଲା ଗଣତି ମଣତି। ଦିନ ୧୧ ଟା ୩୬ ମିନିଟ୍ରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା । ସୁନା ଚିତା, ରାହୁ ରେଖା, ରୂପା ରସିକ ଶୁଆ ଥଣ୍ଟିଆର ଗଣତି ମଣତି କରାଯାଇଛି। ଖଟଶେଜ ଘରେ କରାଯାଇଥିଲା ସମସ୍ତ କାର୍ଯ୍ୟ । ଝୋବାର ଗଣତି ମଣତି କାର୍ଯ୍ୟ ହୋଇନାହିଁ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି ।ମହାପ୍ରଭୁଙ୍କ ୯ଟି ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାର ଗଣତି ଓ ମେଳକ କାର୍ଯ୍ୟ କରାଯାଇଛି । ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଝୋବା କଣ୍ଠୀର ଗଣତି ମଣତି କାର୍ଯ୍ୟ ହୋଇ ହୋଇପାରିନାହିଁ । ନୀଳାଦ୍ରି ବିଜେ ପୂର୍ବରୁ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ୯ଟି ଅଳଙ୍କାରର ଗଣତି ଓ ମେଳକ କରାଯାଇଛି । ଶ୍ରୀଜିଉଙ୍କ ଅଣ୍ଟା ପଟି ବା ରୂପାରସିକ ଶୁଆ ଥଣ୍ଟିଆ ତିନୋଟି, ରାହୁ ରେଖା ୩ଟି, ରତ୍ନ ଚିତା ତିନୋଟିର ଗଣତି ଓ ମେଳକ ହୋଇଛି । ସମସ୍ତ ଅଳଙ୍କାରର ଓଜନ ମାପ ପରେ, ଥ୍ରୀଡି ମ୍ୟାପିଂ, ଭିଡିଓଗ୍ରାଫି ସହ ରତ୍ନ ବିଶାରଦ ମାନଙ୍କ ଦ୍ୱାରା ମୂଲ୍ୟବାନ ରତ୍ନ ଗୁଡିକର ଚିହ୍ନଟ କରାଯାଇଥିଲା । ଖଟ ଶେଯ ଘରେ ଏହି ମୂଲ୍ୟବାନ ଅଳଙ୍କାର ସବୁର ଗଣତି ଓ ମେଳକ କାର୍ଯ୍ୟ ହୋଇଥିଲା । ଏ ସମସ୍ତ ଅଳଙ୍କାର ଚଳନ୍ତି ଭଣ୍ଡାରର ଅଂଶ ବିଶେଷ ହୋଇଥିଲେ ହେଁ ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି କରାଯାଇ ପାରିନଥିଲା ।

ତେବେ ସ୍ନାନ ପୂର୍ଣ୍ଣିମା ପରେ ରାହୁ ରେଖା, ଚିତା, ଅଣ୍ଟା ପଟି ଓଲାଗି ହୋଇଥିବା ବେଳେ ନୀଳାଦ୍ରି ବିଜେ ପୂର୍ବରୁ ଏହି ଅଳଙ୍କାର ସବୁର ଗଣତି କାର୍ଯ୍ୟ ହୋଇଛି । ତେବେ ଶ୍ରୀଜିଉଙ୍କ ଝୋବାକଣ୍ଠୀ ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି ହୋଇ ପାରିନାହିଁ ।ରବିବାର ପୂର୍ବାହ୍ନ ୧୧ଟା ୩୧ରୁ ଗଣତି କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୧ଟା ୫୮ ମିନିଟ୍ ପର୍ଯ୍ୟନ୍ତ ଦୁର୍ଲଭ ଅଳଙ୍କାରର ଗଣତି ହୋଇଥିଲା । ପ୍ରାୟ ୨ ଘଣ୍ଟା ୨୭ ମିନିଟ୍ ଗଣତି ମଧ୍ୟରେ ୯ଟି ଯାକ ଅଳଙ୍କାରର ଗଣତି, ଓଜନ, ଭିଡିଓ ଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ କାର୍ଯ୍ୟ ଶେଷ ହୋଇଥିଲା । ତେବେ ରତ୍ନ ଭଣ୍ଡାର ଗଣତି କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୭୮ ଘଣ୍ଟା ୩ ମିନିଟ୍ର ଗଣତି କାର୍ଯ୍ୟ ହୋଇଛି । ଆଜି ଗଣତି ମଣତି କାର୍ଯ୍ୟ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ, ଜେମୋଲୋଜିଷ୍ଟ, ଛତିଶା ନିଯୋଗ ନାୟକ, ଦେଉଳକରଣ, ତଢଉକରଣ, ଭଣ୍ଡାର ମେକାପଙ୍କ ସହିତ ପ୍ରାଧିକୃତ ସେବାୟତ ଉପସ୍ଥିତ ଥିଲେ ।

# ତ୍ରିଦିବସୀୟ ଶକ୍ତି ଯଜ୍ଞ ଉଦଯାପିତ

ଓଡ଼ଗାଁ ୧୯/୦୭ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପଣ୍ଡିଖାରୀ ଗ୍ରାମପଞ୍ଚାୟତ ମଶାବାରୀ ଗ୍ରାମରେ ବିରାଜିତ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୁଣ୍ୟପୀଠରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଓ ତ୍ରିଦିବସୀୟ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଶକ୍ତି ଯଜ୍ଞ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି।ଗତ ଗୁରୁବାର ରାତିରେ ଅଙ୍କୁରାରୋପଣ ହୋଇଥିଲା ବେଳେ ଶୁକ୍ରବାର ମଶାବାରୀ ଗ୍ରାମବାସୀଙ୍କ ତରଫରୁ କର୍ତ୍ତା



ଭାବେ ଦାୟିତ୍ୱ ସମ୍ପାଦନ କରିଥିବା ପବିତ୍ର ମହାନ୍ତି ଦମ୍ପତିଙ୍କ ଦ୍ୱାରା ବ୍ରାହ୍ମଣ ବରଣ, କଳସ ସ୍ଥାପନ,ସୂର୍ଯ୍ୟ ପୂଜା,ପୀଠ ପୂଜା, ଚଣ୍ଡୀ ପାଠ, ରୁଦ୍ରାଭିଷେକ କର୍ମ ଅନୁଷ୍ଠିତ ହେବା ପରେ ଅପରାହ୍ଣରେ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା ତଦନୁଯାୟୀ ଅବଶିଷ୍ଟ ୨ଦିନ ଅନୁରୂପ ଭାବେ ପୂଜାର୍ଚ୍ଚନା କରାଯାଇ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରି ପରେ ପ୍ରସାଦ ସେବନ ବ୍ୟବସ୍ଥା ରହିଥିଲା। ଆଚାର୍ଯ୍ୟ ଭାବରେ ଲଳିତ ମୋହନତ୍ରିପାଠୀ, ପୁସ୍ତକାଚାର୍ଯ୍ୟ ଭାବରେ ଗୋଦାବରୀଶ ହୋତା,ବ୍ରହ୍ମା ପ୍ରଦୀପ କୁମାର ଦାଶ,ଚଣ୍ଡୀପାଠ ଜଳନ୍ଧର ରଥ,ସମିଧାଚାର୍ଯ୍ୟ ଓ ଅଭିଷେକ ସର୍ବେଶ୍ୱର ଦାଶ, ଚରୁଆଚାର୍ଯ୍ୟ ହେମନ୍ତ କୁମାର ହୋତା, ପୂର୍ବ ଦ୍ୱାରାଚାର୍ଯ୍ୟ ଅଶୋକ କୁମାର ଷଡ଼ଙ୍ଗୀ ଦକ୍ଷିଣ ଦ୍ୱାରାଚାର୍ଯ୍ୟ ଦିବ୍ୟ ରଞ୍ଜନ ଦାଶ,ପଶ୍ଚିମ ଦ୍ୱାରାଚାର୍ଯ୍ୟ ଚିନ୍ମୟ କୁମାର ହୋତା ଉତ୍ତର ଦ୍ୱାରାଚାର୍ଯ୍ୟ ଅରୁପ ବିହାରୀ ଆଚାର୍ଯ୍ୟ ସ୍ୱସ୍ତି ବାଚକ ଆଚାର୍ଯ୍ୟ ଗିରୀଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ବୈଦିକ ବ୍ରାହ୍ମଣ ମାନେ ବୈଦିକ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ଅନ୍ୟ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ବରିଷ୍ଠ ନାଗରିକ ସଂଘର ନୂତନ ଗୃହ ପ୍ରବେଶ ଉତ୍ସବ

ଫୁଲବାଣୀ -୧୯/୦୭ (ଆନିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରେ ବରିଷ୍ଠ ନାଗରିକ ସଂଘ ର ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ, ମୁଖ୍ୟ ଅତିଥି ଭାବରେ ବାଲିଗୁଡା ଉପ ଜିଲ୍ଲାପାଳ ପ୍ରଣୀତା ଦାସ, ସମ୍ମାନୀତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା , ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ସଭାପତି ତଥା ବରିଷ୍ଠ ପୁରୋହିତ ଚିନ୍ତାମଣି ମିଶ୍ର, ସମ୍ପାଦକ ମନ୍ମଥ କୁମାର ରାଉଳ, ଉପଦେଷ୍ଟା ଡ଼ଃ ମଧୁ ସୁଦନ ମହାପାତ୍ରପ୍ରମୁଖ ମଞ୍ଚାସୀନ ଥିଲେ ସର୍ବ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ରେ ପୁଷ୍ପ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ଜଳନ କରିଥିଲେ ଆମନ୍ତ୍ରିତ ଅତିଥି ଗଣ, ଜିଲ୍ଲା ସମ୍ପାଦକ ମନ୍ମଥ କୁମାର ରାଉଳ ସଂଘର ବିବରଣୀ ପଠନ କରିଥିଲେ, ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଗଣ ନିଜ ବକ୍ତବ୍ୟ ରେ ବରିଷ୍ଠ ନାଗରିକ ନିଜକୁ ବୟସ ର ଅପରାହ୍ନ ନଭାବି



ଶିକ୍ଷା, ସ୍ୱାସ୍ଥ୍ୟ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ଆଦି ଜନ ସଚେତନତା ଭଳି ସାମାଜିକ କାର୍ଯ୍ୟରେ ନିଜ କୁ ନିୟୋଜିତ କରି ଆଗମୀ ପିଢ଼ି କୁ ଦିଗ୍? ଦର୍ଶନ ଦେବାକୁ କହିଥିଲେ ପ୍ରସାଶନ ସବୁ ବେଳେ ସବୁ ସମୟ ରେ ବରିଷ୍ଠ ନାଗରିକ ଙ୍କୁ ସାହଯ୍ୟଓ ସହଯୋଗ ର ହାତ ବଢ଼େଇବାକୁ ପ୍ରତିଶ୍ରୁତି ଦେଇଥିଲେ, ଶେଷରେ ସଂଘର ଆବାହକ ତଥା ବରିଷ୍ଠ ସାମ୍ବାଦିକ ପ୍ରକାଶ ନାୟକ ଆମନ୍ତ୍ରିତ ଅତିଥି ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମ ରେ ବାଲିଗୁଡା ଅଞ୍ଚଳ ର ବହୁ ବରିଷ୍ଠ ନାଗରିକ ବୁଦ୍ଧିଜିବୀ ସାମ୍ବାଦିକ ଯୋଗଦେଇ ଥିଲେ ।

# ରତଙ୍ଗ ଗ୍ରାମ ପଞ୍ଚାୟତରେ ଗୋଦାମ ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ

ଫୁଲବାଣୀ-୧୯/୦୭ (ଆନିସ): କଂଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ରତଙ୍ଗ




ପଂଚାୟତ ରେ ନିର୍ମାଣ ହେଉଥିବା ଗୋଦାମ ଘର କାମ ରେ ବ୍ୟାପକ ଅନିୟମିତତା ଓ ହେରଫେର ହୋଇଥିବା ଅଭିଯୋଗ ହୋଇଛି ଠିକାଦାର ଓ ଯନ୍ତ୍ରୀ ମିଶି ନିମ୍ନ ମାନର କାର୍ଯ୍ୟ କରି ମୋଟା ଅଙ୍କର ଅର୍ଥ ଚଲୁ କରିଥିବା ନେଇ ଦୃଢ଼ ଅଭିଯୋଗ ହେଉଛି ଗୋଦାମ ନିର୍ମାଣ କାର୍ଯ୍ୟ ଗତ ୨୦୨୩/୨୪ଅର୍ଥିକ ବର୍ଷ ରୁ ଆରମ୍ଭ ହୋଇ ଥିଲେ ବି ଏଯାଏଁ ସରିବାକୁ ନାହିଁ ଏହି ଗୋଦାମ ନିର୍ମାଣ ସରିଲେ ଏଠାରେ ପଂଚାୟତ ର ୧୦୩୬ପରିବାର ପାଇଁ ଆସୁଥିବା ଚାଉଳ ସଂରକ୍ଷଣ କରାଯିବ ତେବେ ଏହି ଗୋଦାମ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ସରିନଥିଲେ ବି ଗୋଦାମ ଘର ର ଫାଇନାଲ ବିଲ ୧୧/୦୩/୨୦୨୫ରେ ହୋଇଥିବା ଶୁଣିବାକୁ ମିଳୁଛି ଏହି ଗୋଦାମ ଘର ନିର୍ମାଣ କାର୍ଯ୍ୟ ଜିଆର ଏସ କରୁଥିବା କୁହାଯାଇଛି ତେବେ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୁର୍ନୀତି ଓ ଅନିୟମିତତା ରେ ସିଧାସଳଖ ଜଡ଼ିତ ଥିବା ଜି ଆର୍ ଏସ ଓ ଯନ୍ତ୍ରୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ସୂଚନା ଯୋଗ୍ୟ ଯେ, ଜିଲାର କୋଟଗଡ ବ୍ଲକ ଧରାକୋଟ ପଂଚାୟତ ରେ ମନରେଗା ଯୋଜନାରେ ହୋଇଥିବା ଅର୍ଥ ହେରଫେର ମାମଲାରେ ପି ଇ ଓ ଓ ଅନ୍ୟ ଜଣେ ନିଲମ୍ବିତ ହୋଇଥିବା ବେଳେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଭିଜିଲାନସ୍ ଦ୍ୱାରା ଗିରଫ ହୋଇ ଜେଲ ରେ ଅଛନ୍ତି

# ମା ଦୁର୍ଗାପୂଜା କମିଟି ଟ୍ରଷ୍ଟରେ ପଞ୍ଜିକୃତ

ରାଇରଙ୍ଗପୁର, ୧୯।୭ (ଆନିସ): ମୟୂରଭଞ୍ଜ ଜିଲ୍ଲାର ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ନିକଟସ୍ଥ କୋଣ ଗ୍ରାମର ଐତିହାସିକ ସାର୍ବଜନୀନ ମା ଦୁର୍ଗାପୂଜା କମିଟି ଓଡ଼ିଶା ସରକାରଙ୍କ ଟ୍ରଷ୍ଟ ଆଇନ ଅନୁଯାୟୀ ଆନୁଷ୍ଠାନିକ ଭାବେ ଟ୍ରଷ୍ଟରେ ପଞ୍ଜିକୃତ ହୋଇଛି। ଏହି ପଞ୍ଜିକରଣ ମାଧ୍ୟମରେ ଅଞ୍ଚଳର ଏକ ପ୍ରାଚୀନ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ନୂତନ ପରିଚୟ ମିଳିଛି। କୋଣ ଗ୍ରାମର ମା ଦୁର୍ଗା ପୂଜାର ଇତିହାସ ପ୍ରାୟ ଦୁଇ ଶତାବ୍ଦୀ ପୁରୁଣା ବୋଲି ସ୍ଥାନୀୟ ବୟୋଜ୍ୟେଷ୍ଠ ଓ ଭକ୍ତମାନେ କହିଛନ୍ତି। ଅନ୍ୟାନ୍ୟ ସ୍ଥାନରେ ମା ଦୁର୍ଗାଙ୍କୁ ପ୍ରତିମା ରୂପେ ପୂଜା କରାଯାଉଥିବାବେଳେ, କୋଣ ଗ୍ରାମରେ ମନ୍ଦିରର ଗର୍ଭଗୃହ କାନ୍ଥରେ ନାଳିମାଟି ଉପରେ ଚାଉଳ ଚୂନରେ ଅଙ୍କିତ ପାରମ୍ପରିକ ବୁଇଥ ଚିତ୍ରରେ ମା ଦୁର୍ଗାଙ୍କ ପୂଜା ହୋଇଥାଏ। ଏହି ଅନନ୍ୟ ପରମ୍ପରା ଏହି ପୀଠର ବିଶେଷ ପରିଚୟ ଭାବେ ପରିଗଣିତ। ଦୁର୍ଗାପୂଜା ଅବସରରେ ଏଠାରେ ୧୬ ଦିନ ଧରି ବିଭିନ୍ନ ଧାର୍ମିକ ପୂଜା ବିଧି ପାଳନ କରାଯାଇଥାଏ। ଦଶହରାର ପରଦିନ ୧୭ତମ ଦିବସରେ ପାରମ୍ପରିକ 'ଖନ୍ଦାମଡା' ବା ନିଆଁ ଉପରେ ଚାଲିବା ଉତ୍ସବ ଆୟୋଜିତ ହୋଇଥାଏ, ଯାହା ଦେଖିବାକୁ ପୋଡଶି ଝାଡ଼ଖଣ୍ଡ ତଥା ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଓ ଦର୍ଶକମାନେ ପହଞ୍ଚିଥାନ୍ତି। ନିଃସନ୍ତାନ ଦମ୍ପତି ଓ ବିଭିନ୍ନ ମନୋକାମନା ନେଇ ଆସୁଥିବା ଭକ୍ତମାନଙ୍କ ମାନସିକ ପୂରଣ ହୋଇଥାଏ ବୋଲି ସ୍ଥାନୀୟମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି। ସୂଚନାନୁସାରେ, ଟ୍ରଷ୍ଟଟି ପଞ୍ଜିକରଣ ସଂଖ୍ୟା ୪୧୩୧୨୬୦୦୪୫୯-୨୦୨୬-୨୭ ଅଧୀନରେ ପଞ୍ଜିକୃତ ହୋଇଛି। ନୂତନ ଟ୍ରଷ୍ଟ କମିଟିରେ ରାଜାରାମ ବାରିକ ସଭାପତି, ବିଶ୍ୱନାଥ ଦାସ ଉପସଭାପତି, କିଶୋରୀ ମହାକୁଡ ସମ୍ପାଦକ, ଶ୍ରୀମତୀ ଛବିଳତା ବାରିକ କୋଷାଧ୍ୟକ୍ଷ ଏବଂ ନବଦୀପ ମହାକୁଡ ଓ ଘାଷିରାମ ଦଳେଇ ଉପଦେଷ୍ଟା ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏହା ସହିତ ୧୫ ଜଣ ସାଂଗଠନିକ ସଦସ୍ୟ ମଧ୍ୟ ଟ୍ରଷ୍ଟରେ ସାମିଲ ଅଛନ୍ତି। ଟ୍ରଷ୍ଟର ସମ୍ପାଦକ କିଶୋରୀ ମହାକୁଡ କହିଛନ୍ତି ଯେ, ସାର୍ବଜନୀନ ଦୁର୍ଗାପୂଜାର ସୁଚାରୁ ପରିଚାଳନା, ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା ସହ ଗ୍ରାମର ସାମଗ୍ରିକ ବିକାଶ, ପଛୁଆ ଓ ଅବହେଳିତ ବର୍ଗଙ୍କ ଉନ୍ନତି ଏବଂ ବିଭିନ୍ନ ସମାଜମୁଖୀ କାର୍ଯ୍ୟରେ ଟ୍ରଷ୍ଟ ସକ୍ରିୟ ଭୂମିକା ଗ୍ରହଣ କରିବ। ଏହି ପଞ୍ଜିକରଣ ଫଳରେ କୋଣ ଗ୍ରାମର ଐତିହାସିକ ମା ଦୁର୍ଗାପୂଜାର ପରମ୍ପରା ଓ ଗୌରବକୁ ଆହୁରି ସୁଦୃଢ଼ କରିବାର ପଥ ପ୍ରଶସ୍ତ ହୋଇଛି।

## ରଥଯାତ୍ରା : ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟରର ତ୍ୱରିତ କାର୍ଯ୍ୟାନୁଷ୍ଠାନ

# ୧୭ ନିଖୋଜ ବ୍ୟକ୍ତିଙ୍କୁ ପରିବାର ସହ ପୁନର୍ମିଳନ

ପୁରୀ,୧୯।୭ (ଆନିସ): ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀକୁ ଆସୁଥିବା ବେଳେ ସେମାନଙ୍କ ସୁରକ୍ଷା, ସହାୟତା ଏବଂ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟରଗୁଡ଼ିକ ନିରନ୍ତର ଭାବେ ଶ୍ରଦ୍ଧାଳୁମାନଙ୍କୁ ସହାୟତା ପ୍ରଦାନ କରୁଛି। ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟର ଦ୍ୱାରା ନିଖୋଜ ହୋଇଯାଇଥିବା ଦୁଇଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଠାବ କରାଯାଇ ସେମାନଙ୍କ ପରିବାର ସହ ଶୀଘ୍ର ପୁନର୍ମିଳନ କରାଯାଇଛି। ସେହିପରି ଭଦ୍ରକ ଜିଲ୍ଲାର ୫୫ ବର୍ଷୀୟା ଶ୍ରୀମତୀ ମିନତି ବାରିକ ନାମକ ଜଣେ ନିଖୋଜ ମହିଳାଙ୍କୁ ମଧ୍ୟ




ଫାସିଲିଟେସନ୍ ସେଣ୍ଟରର ଟିମ୍ ସୁରକ୍ଷିତ ଭାବେ ଖୋଜି ବାହାର କରି ତାଙ୍କ ପରିବାରଙ୍କ ହସ୍ତରେ ଦିଆଯାଇଛି । ପୁରୀ ପୋଲିସର ପ୍ରଶିକ୍ଷିତ କର୍ମଚାରୀମାନେ ଫାସିଲିଟେସନ୍ ସେଣ୍ଟରରେ ସର୍ବଦା ଉପସ୍ଥିତ ରହି ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ, ପରିବାର ସହ ଯୋଗାଯୋଗ, ଆବଶ୍ୟକ ସହାୟତା, ବୃଦ୍ଧ, ମହିଳା ଓ ଶିଶୁମାନଙ୍କ ପ୍ରତି ବିଶେଷ ଯତ୍ନ ସହ ବିଭିନ୍ନ ପ୍ରକାରର ଜନସେବା କାର୍ଯ୍ୟ ନିରନ୍ତର ଭାବେ କରିଆସୁଛନ୍ତି। ଏହା ସହିତ ଫାସିଲିଟେସନ୍ ସେଣ୍ଟରରେ ଯାତ୍ରୀମାନଙ୍କ ଅଭିଯୋଗ ଗ୍ରହଣ, ସୂଚନା ପ୍ରଦାନ, ମାର୍ଗଦର୍ଶନ ଓ ଜରୁରୀ ସହାୟତା ମଧ୍ୟ ଉପଲବ୍ଧ କରାଯାଉଛି। କୌଣସି ଶ୍ରଦ୍ଧାଳୁଙ୍କର କୌଣସି ସମସ୍ୟା, ଅଭିଯୋଗ କିମ୍ବା ପ୍ରଶ୍ନ ଥିଲେ ସେମାନେ ନିକଟସ୍ଥ ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟରକୁ ଯାଇପାରିବେ କିମ୍ବା ପୁରୀ ପୋଲିସ ସହାୟକ – ୯୧୮୭୬୩୧ ୯୯୪୦୦ ନମ୍ବରରେ ପଠାଇ ତୁରନ୍ତ ସହାୟତା ପାଇପାରିବେ। ରଥଯାତ୍ରା ସମୟରେ ବିପୁଳ ଜନସମାଗମ ମଧ୍ୟରେ ଯଦି କୌଣସି ବ୍ୟକ୍ତି ତାଙ୍କ ପରିବାରଠାରୁ ଅଲଗା ହୋଇଯାଆନ୍ତି, ତେବେ ଆତଙ୍କିତ ନ ହୋଇ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ଫାସିଲିଟେସନ୍ ସେଣ୍ଟର ସହ ଯୋଗାଯୋଗ କରିବାକୁ ପୁରୀ ପୋଲିସ ଅନୁରୋଧ କରୁଛି। ପୁରୀ ପୋଲିସ ରଥଯାତ୍ରା ୨୦୨୬ ସମୟରେ ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସେବା ଓ ସୁବିଧା ସୁନିଶ୍ଚିତ କରିବା ପାଇଁ ସଦା ସର୍ବଦା ପ୍ରତିବଦ୍ଧ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂ କହିଛନ୍ତି ।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅନ୍ୱେଷା ନିଟ ପାଇଲେ

ଫୁଲବାଣୀ -୧୯/୦୭(ଆନିସ): ଫୁଲବାଣୀ କେନ୍ଦୀୟ ବିଦ୍ୟାଳୟ ଛାତ୍ରୀ ଅନ୍ୱେଷା ମହାପାତ୍ର ନିଟ୍ ପରୀକ୍ଷାରେ କୃତ୍ କାର୍ଯ୍ୟ ହୋଇଛନ୍ତି ବାପା ପ୍ରଶାନ୍ତ ମହାପାତ୍ର ଓ ଜ୍ୟୋସ୍ନା ରଥ ଙ୍କ ଝିଅ ଅନ୍ୱେଷା ସେହିପରି ପୁର୍ବତନ ଡି ପି ଅର୍ ଓ ଅଫିସ ରେ କାର୍ଯ୍ୟରତ ହର ପ୍ରସାଦ ମହାପାତ୍ର ଙ୍କ ଝିଆରୀ ମଧ୍ୟ ଅନ୍ୱେଷା ପୁର୍ବରୁ ହୋଇଥିବା ନିଟ ପରୀକ୍ଷାରେ ସେ ୯୦୦ନମ୍ବର ରଖି ଥିବା ବେଳେ ରି ନିଟ ପରୀକ୍ଷାରେ ୬୦୪ନମ୍ବର ରଖିଛନ୍ତି ଅନ୍ୱେଷା ତେବେ କିଛି ଆସାଧୁ କର୍ମଚାରୀ ଙ୍କ ଯୋଗୁଁ ଦ୍ବିତୀୟ ଥର ନିଟ ପରୀକ୍ଷା ଯୋଗୁଁ ଛାତ୍ର ଛାତ୍ରୀ ଓ ପରିବାର କିଭଳି ମାନସିକ ଦୁଶ୍ଚିନ୍ତା ରେ ଅଛନ୍ତି ତାହା ଅନ୍ୱେଷା ଙ୍କ ରି ନିଟ ପରୀକ୍ଷା ରୁ ସ୍ପଷ୍ଟ ଜଣାପଡୁଛି ତେବେ ସଫଳତା ର ଶ୍ରେୟ ସେ ପିତାମାତା, ସମ୍ପର୍କୀୟ, ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ଦେଇଛନ୍ତି ଭବିଷ୍ୟତ ରେ ସେ ଜଣେ ଭଲ ଡାକ୍ତର ହୋଇ ରୋଗୀ ସେବା କୁ ବୃତ୍ତି ନୁହେଁ ଧର୍ମ ଭାବେ ଗ୍ରହଣ କରିବେ ବୋଲି କହିଛନ୍ତି ଅନ୍ୱେଷା ସଫଳତା ପାଇବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ର ସୁଅ ଛୁଟିଛି

# ରାଇରଙ୍ଗପୁର ନୂତନ ପୋଲିସ ଜିଲ୍ଲାରେ ଟ୍ରାଫିକ ୟୁନିଟର ଶୁଭାରମ୍ଭ

ରାଇରଙ୍ଗପୁର,୧୯।୭ (ଆନିସ): ରାଇରଙ୍ଗପୁର ନୂତନ ପୋଲିସ ଜିଲ୍ଲା ରେ ଟ୍ରାଫିକ ୟୁନିଟର କାର୍ଯ୍ୟକ୍ଷମକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀ ନବ ଚରଣ ମାଝୀ ଓ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଶ୍ରୀ ଜଲେନ ନାଏକ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜିତ କୁମାର, ଉପଜିଲ୍ଲାପାଳ ଶ୍ରୀ ଉଗ୍ରେସନ ଓରାମ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ଜେନା,ଶ୍ରୀମତୀ ମମତା ସାହୁ, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ବୀରେନ୍ଦ୍ର ସେନାପତି, ଟାଉନ ଥାନା ଆଇ ଆଇ ସି ଶ୍ରୀ ରଞ୍ଜନ ସେଠୀ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଶକୁନ୍ତଳା ହାଁସଦା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଶ୍ରୀମତୀ ଚିନ୍ମୟୀ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ପୋଲିସ ବିଭାଗର ପଦାଧିକାରୀ,କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଦୁର୍ଗା ମଣ୍ଡପ ଠାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହାପରେ ଜନସାଧାରଣଙ୍କ




ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ସହ ଉକ୍ତ ଟ୍ରାଫିକ ୟୁନିଟ ଦୁର୍ଗା ମଣ୍ଡପ ଠାରୁ ବାହାରି ରଥଦାଣ୍ଡ ଦେଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ସାଂସଦ କହିଥିଲେ ରାଇରଙ୍ଗପୁର ଅଂଚଳବାସୀଙ୍କ ବହୁ ଦିନର ଦାବି ଆଜି ପୂରଣ ହେଲା। ଆଜି ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ୩୬ ଜଣିଆ ଟ୍ରାଫିକ ୟୁନିଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଏହା ଆଗାମୀ ସମୟରେ ଅଂଚଳବାସୀଙ୍କ ପାଇଁ ନିଶ୍ଚିତ ଭାବେ ସହାୟକ ହେବ।

ସେହିପରି ଆରକ୍ଷୀ ଅଧିକ୍ଷକ କହିଥିଲେ, ଯେକୌଣସି ଅଞ୍ଚଳର ଉନ୍ନତି ଓ ପ୍ରଗତି ସହିତ ଯାନବାହନର ସଂଖ୍ୟା ବୃଦ୍ଧି ପାଇଥାଏ। ଏହା ସହିତ ସଡ଼କ ସୁରକ୍ଷା, ଯାତାୟାତ ପରିଚାଳନା ଏବଂ ଦୁର୍ଘଟଣା ନିୟନ୍ତ୍ରଣ ଭଳି ଚ୍ୟାଲେଞ୍ଜ ମଧ୍ୟ ବଢ଼ିଥାଏ। ଏହି ପରିପ୍ରେକ୍ଷୀରେ ନୂତନ ଟ୍ରାଫିକ ୟୁନିଟର କାର୍ଯ୍ୟକ୍ଷମ ହେବା କେବଳ ଏକ ପ୍ରଶାସନିକ ପଦକ୍ଷେପ ନୁହେଁ, ବରଂ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧା ପ୍ରତି ପୁଲିସ ବିଭାଗର ଏକ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ ଅଟେ। ଏହି ଟ୍ରାଫିକ ୟୁନିଟ ମାଧ୍ୟମରେ ଯାତାୟାତର ସୁଚାରୁ ପରିଚାଳନା, ସଡ଼କ ଦୁର୍ଘଟଣା ହ୍ରାସ, ଟ୍ରାଫିକ ନିୟମ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏବଂ ଆଇନର ଫଳପ୍ରସୂ କାର୍ଯ୍ୟକାରିତା ସୁନିଶ୍ଚିତ ହେବ ବୋଲି ସେ କହିଥିଲେ। ଟ୍ରାଫିକ ପରିଚାଳନା କେବଳ ପୁଲିସର ଦାୟିତ୍ୱ ନୁହେଁ, ଏହା ସମାଜର ପ୍ରତ୍ୟେକ ନାଗରିକଙ୍କ ଏକ ସାମୂହିକ ଦାୟିତ୍ୱ। ତେଣୁ ଏଥି ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ପୋଲିସ ପକ୍ଷରୁ ପ୍ରଥମେ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ମାନିବା, ହେଲମେଟ ଓ ସିଟ୍ ବେଲ୍ଟର ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଏବଂ ସଡ଼କ ସୁରକ୍ଷା ପ୍ରତି ସଚେତନ ହେବା ପାଇଁ ଉଦ୍ୟମ କରାଯିବ। ପରବର୍ତୀ ସମୟରେ ଅମାନିଆଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶେଷରେ ସମସ୍ତଙ୍କୁ ରାସ୍ତାରେ ଯାତାୟାତ ସମୟରେ ଟ୍ରାଫିକ ନିୟମ ମାନିବା ପାଇଁ ନିବେଦନ କରିବା ସହ କାର୍ଯ୍ୟକ୍ରମରେ ଯୋଗ ଦେଇ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇ ଥିଲେ।

# ବିନା ସୂଚନା ଫଳକରେ ଚାଲିଛି କୋଟି କୋଟି ଟଙ୍କାର ରାସ୍ତା କାମ

କେନ୍ଦୁଝର,୧୯। ୭ (ଆନିସ) : ଗ୍ରାମ୍ୟ ନିର୍ମାଣ ବିଭାଜନ ବାଂଶପାଳ ଅଧିନସ୍ଥ କଣ୍ଟାକୋଳି-ମେଦିନୀପୁର ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଛି । ଏହି ୪ କେଲୋମିଟର ରାସ୍ତା କାମ ପାଇଁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ର ପ୍ରଶସ୍ତିକରଣ କାମ ଚାଲିଥିବାବେଳେ ସୂଚନା ଫଳକ ଲଗାଯାଇନାହିଁ । ଦୀର୍ଘଦିନ ହେବ କାମ ଚାଲିଥିଲେ ହେଁ ସୂଚନା ଫଳକ ନଥିବାରୁ ଲୋକମାନେ କାମ ସମ୍ପର୍କରେ ସୂଚନା ପାଇପାରୁନାହାଁନ୍ତି । ସବୁଠାରୁ ବଡକଥା ହେଲା କାମ ଟି ବର୍ଷା ଦିନେ ଚାଲିଥିବାବେଳେ ରାସ୍ତାର ଉଭୟ ପାଶ୍ୱରେ ମୋରମ ବଦଳରେ ମାଟି ପଡୁଛି । ମାଟି କୁ ଠିକ୍ ଭାବରେ ରୋଲିଂ ପରେ ସମତୁଲ ନ କରାଯାଇ ତା ଉପରେ ଅଳ୍ପ ମେଟାଲ ଗୁଣ୍ଡ ପକାଇ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି । କାମର ମାନ ନିମ୍ନ ମାନର ଅଭିଯୋଗ ହେଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ କାମଟିକୁ ଟେଣ୍ଡର ଦେଇ ଚୁପ ହୋଇ ବସିଥିବାବେଳେ ଠିକାଦାର ନିଜ ଇଚ୍ଛାରେ କାମ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ କାମ ଏଭଳି ନିମ୍ନମାନର ହେଉଥିବାରୁ ରାସ୍ତା ଶେଷ ହେବାର ଅଳ୍ପ ଦିନରେ ରାସ୍ତା ଅବସ୍ଥା ଖରାପ ହୋଇ ଶୋଚନୀୟ ହୋଇପଡୁଛି । କଣ୍ଟାକୋଳି-ମେଦିନପୁର ରାସ୍ତାର ପ୍ରଶସ୍ତିକରଣ କାମ ପାଇଁ ବ୍ୟବହୃତ ମାଟି ସରକାରୀ ଜମି ରୁ ଅଣାଯାଉଥିବା ଅଭିଯୋଗ ହୋଇଛି । ଲଘୁ ଖଣି ବିଭାଗ,ରାଜସ୍ୱ ବିଭାଗ ଏବଂ ଜଙ୍ଗଲ ବିଭାଗ ଏହାର ଯାଂଚ କରି ପଦକ୍ଷେପ ନେବାକୁ ଦାବୀ ହୋଇଛି । ରାସ୍ତାର ଉଭୟ ପାଶ୍ୱର୍ ଜଙ୍ଗଲ ଜମି ଥିବାରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ବନ ବିଭାଗ ଡାଇଭରର୍ସନ କରିଛି କି ନାହିଁ ତାହାର ଯାଂଚ କରି ପଦକ୍ଷେପ ନେବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାବୀ ହୋଇଛି ।



ସୂଚନାଯୋଗ୍ୟଯେ, ରାସ୍ତା ମରାମତି ଏବଂ ଉନ୍ନତିକରଣ ପାଇଁ ପ୍ରତ୍ୟେକ ବର୍ଷ କୋଟି କୋଟି ଖର୍ଚ୍ଚ ହେଉଥିଲେ ହେଁ ତଦାରଖ ଅଭାବରୁ ସରକାରୀ ଅର୍ଥ ଲୋକଙ୍କ ସଠିକ୍ ଭାବେ କାମରେ ଲାଗି ପାରୁନାହିଁ । ଏ ନେଇ ବାଂଶପାଳ ଡିଭିଜନ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ହିମାଂଶୁ ସେଠୀଙ୍କ ସହ ଯୋଗାଯୋଗ କରିବାରୁ କାମର ମାନ ଠିକ୍ ହେଉଛି କି ନାହିଁ ତାହାର ଯାଂଚ କରାଯିବ ବୋଲି କହିଛନ୍ତି । କେବଳ ବାଂଶପାଳ ଡିଭିଜନ ନୁହେଁ ଆନନ୍ଦପୁର ଗ୍ରାମ୍ୟ ନିର୍ମାଣ ବିଭାଜନ,କେନ୍ଦୁଝର ଗ୍ରାମ୍ୟ ନିର୍ମାଣ ବିଭାଜନ(୧) ଏବଂ ଗ୍ରାମ୍ୟ ନିର୍ମାଣ ବିଭାଜନ (୨) ଡିଭିଜନରେ ହୋଇଥିବା ସମସ୍ତ କାମ ର ଏକ ଉଚ୍ଚସ୍ତରୀୟ ଟେକନିକାଲ ଟିମ ଦ୍ୱାରା ଯାଂଚ କରିବାକୁ ଦାବୀ ହେଉଛି । ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିନରେ ହେଉଥିବା ଅଧିକାଂଶ କାମ କାମ ନିମ୍ନମାନର ହେଉଥିବାରୁ ଅଳ୍ପ ଦିନରେ ନଷ୍ଟ ହେଉଛି । ଫଳରେ ସେ ଅଚଂଳର ଲୋକେ ରାସ୍ତାଟିରୁ ଯେତିକି ଉପକାର ପାଇବା କଥା ସେତିକି ଉପକାର ପାଇ ପାରୁନାହାଁନ୍ତି । ବିଭାଗୀୟ ଅଧିକାରୀ ମାନଙ୍କର ତଦାରଖ ଅଭାବ ଏବଂ ଦାୟିତ୍ୱରେ ରହୁଥିବା ଯନ୍ତ୍ରୀ ମାନଙ୍କର ତଦାରଖ ଅଭାବରୁ ନିମ୍ନମାନର ହେଉଛି ।

# ଢଳି ପଡ଼ିଛି ସୋଲାର ଟ୍ରାଫିକ୍ ଲାଇଟ୍ ଖୁଣ୍ଟ

## ବିପଦରେ ପଥଚାରୀ ଓ ଯାନବାହନ ଚାଳକ

ପୋଲସରା, ୧୯।୭ (ଆନିସ): ପୋଲସରା ସହରର ବ୍ୟସ୍ତବହୁଳ ମୁଖ୍ୟ ରାସ୍ତା ମଝିରେ ଥିବା ଡିଭାଇଡର ଉପରେ ସ୍ଥାପିତ ସୋଲାର ଟ୍ରାଫିକ ଲାଇଟ୍ ଖୁଣ୍ଟି ବିପଜ୍ଜନକ ଭାବେ ରାସ୍ତାର ଏକ ପାର୍ଶ୍ଵକୁ ଢଳି ରହିଥିବା ଦେଖିବାକୁ ମିଳିଛି। ଯାହାଫଳରେ ଯେ କୌଣସି ସମୟରେ ଘଟିପାରେ ଏକ ବଡ ଦୁର୍ଘଟଣା। ପୋଲସରା ମୁନିସିପାଲିଟି ମୁଖ୍ୟ ସଡ଼କ ଷଣ୍ଢସାହି ଛକ ଏବଂ ବସଷ୍ଟାଣ୍ଡ ପାଖରେ ଥିବା ଏହି ଖୁଣ୍ଟି ଏବେ ଧରାଶାୟୀ ହୋଇ ରହିଛି ଏବଂ ଖୁଣ୍ଟଟିର ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏବେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ଯେକୌଣସି ସମୟରେ ଏହା ରାସ୍ତା ଉପରକୁ ଭୁଶୁଡ଼ି ପଡ଼ି ବଡ଼ ଧରଣର ଅଘଟଣ ଘଟାଇପାରେ ବୋଲି ଆଶଙ୍କା କରାଯାଉଛି।ଉକ୍ତ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଦୁଇଚକିଆ, ଚାରିଚକିଆ



ଯାନ ସହ ଭାରୀ ଯାନବାହନ ଚଳାଚଳ କରୁଛି। ସକାଳ ଓ ସନ୍ଧ୍ୟା ସମୟରେ ରାସ୍ତାରେ ଅଧିକ ଭିଡ଼ ରହୁଥିବାରୁ ଢଳିଥିବା ଖୁଣ୍ଟଟି ଦୁର୍ଘଟଣାର ଆଶଙ୍କାକୁ ବଢ଼ାଇ ଦେଇଛି। ବର୍ଷା ଓ ପବନ ସମୟରେ ଏହା ହଠାତ୍ ଭାଙ୍ଗି ପଡ଼ିଲେ ଯାନବାହନ ଚାଳକ ଓ ପଥଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଖୁଣ୍ଟଟି ଦୀର୍ଘଦିନ ଧରି ଏଭଳି ଅବସ୍ଥାରେ ରହିଥିଲେ ମଧ୍ୟ ମୁନିସିପାଲିଟି କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ମରାମତି କିମ୍ବା ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି।ସହରର ସୌନ୍ଦର୍ଯ୍ୟକରଣ ଓ ରାତ୍ରିକାଳୀନ ଆଲୋକୀକରଣ ପାଇଁ ସ୍ଥାପନ କରାଯାଇଥିବା ସୋଲାର ଟ୍ରାଫିକ୍ ଲାଇଟ୍‌ର ଏଭଳି ବେହାଲ ଅବସ୍ଥା ଏହାର ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଢଳି ପଡ଼ିଥିବା ଖୁଣ୍ଟକୁ ସଜାଡ଼ିବା ସହ ସହରର ଅନ୍ୟାନ୍ୟ ଷ୍ଟ୍ରିଟ୍ ଲାଇଟ୍‌ର ମଧ୍ୟ ସୁରକ୍ଷା ଯାଞ୍ଚ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ବେଗୁନିଆପଡ଼ା ଠାରେ ମେଗା ରକ୍ତଦାନ ଶିବିର

କୋଦଳା,୧୯।୭ (ଆନିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ସ୍ଥିତ ବିଶିଷ୍ଟ ବ୍ୟବସାୟୀ ସ୍ବର୍ଗତ କେ ଗୋବିନ୍ଦ ଚନ୍ଦ୍ର ସେନାପତିଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବେଗୁନିଆପଡା ସ୍ଥିତ କଳିଙ୍ଗ ବୈଶ୍ୟ ଭବନ ଠାରେ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କେ ଗୋବିନ୍ଦ ଚନ୍ଦ୍ର ସେନାପତି ଆଣ୍ଡ ସନସ ପରିବାର , ଜୀବନ ଧାରା ପରିବାର ଓ ସମ୍ବାଦ ଆମ ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୮ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ସୂଚନା ମିଳିଛି। ଏହି ଶିବିରକୁ ସ୍ବର୍ଗତ କେ. ଗୋବିନ୍ଦ ଚନ୍ଦ୍ର ସେନାପତିଙ୍କ ଧର୍ମ ପତ୍ନୀ କେ. ସନ୍ଧ୍ୟାରାଣୀ ସେନାପତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିବା ବେଳେ ତାଙ୍କ ପୁତ୍ର କେ ବାଲାଜୀ କୁମାର ସେନାପତି, ପୁତ୍ରବଧୂ କେ. ରେଶମା ରାଣୀ ସେନାପତି, ପୁତ୍ର କେ. ଶ୍ରୀୟନ ସେନାପତି, ବାଲାଜୀ ସେନାପତିଙ୍କ ଶ୍ୱଶୁର ସନ୍ତୋଷ କୁମାର ପାତ୍ର,



ସନ୍ତୋଷ କୁମାର କଅଁର ସରୋଜ କୁମାର ମହାରଣା, ଗଙ୍ଗାଧର ଖୁଣ୍ଟିଆ, ଜଟେଶ୍ୱର ସାହୁ,ଦେବେନ୍ଦ୍ର କୁମାର ମହାରଣା, ପ୍ରଶାନ୍ତ କୁମାର ବେହେରା, କେ. ଅଶୋକ କୁମାର ସେନାପତି, ଜୀବନ ଧାରା ସଭାପତି ଏମ ଗୋପବନ୍ଧୁ ଆଚାରୀ, କୋଷାଧକ୍ଷ ଏ ସୋମେଶ ପାତ୍ର, ଦୀପକ ଖଟେଇ. ଜଟେଶ୍ୱର ସାହୁ , ଶିବରାମ ତରେଇ, ରୁଦ୍ର ପ୍ରସାଦ ଗୌଡ଼, ସୁନୀଲ ବେହେରା,ଜାତୀୟ ମାନବାଧିକାର କଲ୍ୟାଣ ସଂଘ ଗଞ୍ଜାମ ଜିଲ୍ଲା ସଭାପତି ଗଙ୍ଗାଧର ପଟ୍ଟନାୟକ, ଟୁକୁନା ପ୍ରଧାନ,କେ.ପ୍ରଶାନ୍ତ କୁମାର ପାତ୍ର, କେ.ପ୍ରଦୀପ କୁମାର ପାତ୍ର, ସୁରେନ୍ଦ୍ର ଗୌଡ଼,କେ ବୃନ୍ଦାବନ ସେନାପତି ଆଣ୍ଡ ସନସ ଟିମ ପକ୍ଷରୁ ସାଗର ସାହୁ, ନାରାୟଣ ସାହୁ, ଅର୍ଜୁନ ସାହୁ, ଭି ଲକ୍ଷ୍ମଣ ରାଜୁ, ଟିକିନା ପଣ୍ଡା, ଏ ଶ୍ୟାମ ପାତ୍ର, ନିରଞ୍ଜନ ମାହାଙ୍କୁଡ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ବ୍ରହ୍ମପୁର ଏମ କେ ସି ଜି ରକ୍ତ ଭଣ୍ଡାର ପକ୍ଷରୁ ପି କେ ସୁବୁଦ୍ଧି, ଆଲୋକ ମହାନ୍ତି, ଦେବାଶିଷ ପଣ୍ଡା, ରାମହରି ପଣ୍ଡା, ଡି ବି କାର୍କେ, ଅଜିତ ମହାରଣା, ସସ୍ମିତା ମୁଦୁଲି ଓ ସାଗରିକା ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ । ଅଗଷ୍ଟ ୬ ରୁ ୧୫ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ପାଇଁ ନିଷ୍ପତ୍ତି

ବ୍ରହ୍ମପୁର,୧୯।୭ (ଆନିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ର ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଆଜି ବ୍ରହ୍ମପୁର ସ୍ଥିତ ପାର୍କ ସାହି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ ମାସ ୬ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଜନସମ୍ପର୍କ ପଦଯାତ୍ରା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସମୟରେ ପାର୍ଟି ସାଥି ମାନେ ବିଭିନ୍ନ ଅଞ୍ଚଳରେ ପଦଯାତ୍ରା ଆୟୋଜନ କରି ବିଜେପି ଓ ଆର ଏସ ଏସ ଶାସନ କାଳରେ ଦରଦାମ୍ ବୃଦ୍ଧି , ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ , କର୍ମ ନିଯୁକ୍ତି ହ୍ରାସ୍‌ା, ପ୍ରାକୃତିକ ସମ୍ପଦ ର ଲୁଟ୍ ପରିବେଶ ଧ୍ୱଂସ , ଶ୍ରମିକ ଛଟେଇ , କୃଷକ ଶୋଷଣ , ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି , ସାମାଜିକ ସୁରକ୍ଷା ଭତ୍ତା , ମନରେଗା ଯୋଜନାର ପୁନଃ ପ୍ରଚଳନ , ସମ୍ବିଧାନ ସୁରକ୍ଷା , ଭୂମିହୀନ ଙ୍କୁ ପଟ୍ଟା ଏବଂ ଇଭିଏମ୍




ବଦଳରେ ବେଲେଟ ପେପର ରେ ନିର୍ବାଚନ କରିବା ସମ୍ପର୍କରେ ଘର ବୁଲି ସଚେତନତା ସୃଷ୍ଟି କରିବେ ।

ଏଥି ସହିତ ସେପ୍ଟେମ୍ବର ୧ ତାରିଖ ଦିନ ନୂଆଦିଲ୍ଲୀ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ହେବାକୁ ଥିବା ସର୍ବ ଭାରତୀୟ ପରିବର୍ତ୍ତନ ମହାସମାବେଶ ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବେ ।

ସାଥି ସତ୍ୟ ନାରାୟଣ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ ବୈଠକ ର ଉଦ୍ଦେଶ୍ୟ ଓ କାମ ଦାମ ର ବିବରଣୀ ଉପସ୍ଥାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥି ପ୍ରକାଶ ପାତ୍ର , ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠୀ , ନିଳକଣ୍ଠ ଦାସ , ପ୍ରବୀଣ ଦାସ , କାମଦେବ ନାହାକ , ସିମାଞ୍ଚଳ ବେହେରା , ରାଜେନ୍ଦ୍ର ଦାସ , ବିଦେଶୀ ନାହାକ , ଗୋପାଳ କୃଷ୍ଣ ଭୂୟାଁ , ବୃନ୍ଦାବନ ପଣ୍ଡା , ପଞ୍ଚାନନ ସ୍ୱାଇଁ , ଭାନୁମତୀ ରେଡି , ଆଦି ନାରାୟଣ ରେଡ୍ଡୀ , ଜନାର୍ଦ୍ଦନ ରେଡି , ପ୍ରଫୁଲ୍ଲ କୁମାର ଜେନା , ମହମ୍ମଦ ଅସମ୍ମାନ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ନିଟ୍ ପରୀକ୍ଷାରେ ସଫଳତା: ପୋଲସରା ପାଇଁ ଗୌରବ ଆଣିଲେ ଅମିତ କୁମାର ରଥ

ପୋଲସରା,୧୯।୭ (ଆନିସ): ଚଳିତ ବର୍ଷର ନିଟ୍‌ପରୀକ୍ଷାରେ ସଫଳତା ହାସଲ କରି ପୋଲସରା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଅମିତ କୁମାର ରଥ। ପ୍ରଥମ ଦୁଇଥର ବିଫଳ ହେବା ପରେ ମଧ୍ୟ ସେ ହାର ନମାନି ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ବଳରେ ତୃତୀୟ ପ୍ରୟାସରେ ଏହି ସଫଳତା ଅର୍ଜନ କରିଛନ୍ତି।

ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତର ପାତାଳସିଙ୍ଗି ଗ୍ରାମର ଶିକ୍ଷକ ଅଜିତ ରଥ ଓ ଅଙ୍ଗନବାଡ଼ି କର୍ମୀ ମିନତୀ ରାଣୀ ତ୍ରିପାଠୀଙ୍କ ସୁପୁତ୍ର ଅମିତ ନିଟ୍ ପରୀକ୍ଷାରେ ୫୭୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୨୩,୩୦୫ତମ ରାଙ୍କ ହାସଲ କରିଛନ୍ତି। ଡାକ୍ତରୀ ପାଠ ପଢ଼ିବା ଲକ୍ଷ୍ୟ ନେଇ ଅମିତ ପ୍ରତିଦିନ ୧୨ରୁ ୧୪ ଘଣ୍ଟା ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ। ନିଜ ସଫଳତା ପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଡାକ୍ତରୀ ଶିକ୍ଷା ସମାପ୍ତ କରି ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ବିନାମୂଲ୍ୟରେ ଚିକିତ୍ସା ସେବା ଯୋଗାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ପିଲାବେଳୁ ହିଁ ଅମିତଙ୍କର ଡାକ୍ତର ହେବାର ସ୍ୱପ୍ନ ଥିଲା। ସେହି ଲକ୍ଷ୍ୟକୁ ସାମ୍ନାରେ ରଖି ସେ ନିଜକୁ ପ୍ରସ୍ତୁତ କରୁଥିବା ତାଙ୍କ ବାପା ଅଜିତ ରଥ ଓ ମା ମିନତୀ ରାଣୀ ତ୍ରିପାଠୀ କହିଛନ୍ତି। ଶିକ୍ଷାଗତ କ୍ଷେତ୍ରରେ ମଧ୍ୟ ଅମିତ ଜଣେ ମେଧାବୀ ଛାତ୍ର।

ସେ ଦଶମ ଶ୍ରେଣୀରେ ୯୬ ପ୍ରତିଶତ ନମ୍ବର ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରୁ ଯୁକ୍ତ ଦୁଇ ବିଜ୍ଞାନରେ ୮୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଅମିତଙ୍କ ଏହି ସଫଳତା ତାଙ୍କର ନିଷ୍ଠା ଓ ପରିଶ୍ରମର ଫଳ ବୋଲି ସାଙ୍ଗସାଥୀମାନେ କହିଛନ୍ତି। ତାଙ୍କ ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ନିଟ୍ ପରୀକ୍ଷାରେ ପି. ସ୍ୱସ୍ତିକ ପୁଷ୍ଟିଙ୍କ କୃତିତ୍ୱ ୫୯୦ ମାର୍କ ସହ ସର୍ବଭାରତୀୟ ରାଙ୍କ ୧୩,୮୪୩

ପୋଲସରା,୧୯/୭/୨୬ :ଚଳିତ ବର୍ଷ ପରୀକ୍ଷା ନିଟ୍ ୨୦୨୬ ପରୀକ୍ଷାରେ ପୋଲସରାର ପି. ସ୍ୱସ୍ତିକ ପୁଷ୍ଟି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ୭୨୦ରୁ ୫୯୦ ମାର୍କ, ୯୯.୩୦୫ ପର୍ସେଣ୍ଟାଇଲ୍, ଅଲ୍ ଇଣ୍ଡିଆ ରାଙ୍କ ୧୩,୮୪୩ ଏବଂ ସାଧାରଣ ବର୍ଗରେ କ୍ୟାଟେଗୋରୀ ରାଙ୍କ ୫୪୭୩ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସ୍ୱସ୍ତିକ ଦଶମ ଶ୍ରେଣୀରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋଲସରାରୁ ୭୩ ପ୍ରତିଶତ ନମ୍ବର ରଖି ପାସ୍ କରିଥିଲେ। ପରେ ଅନେସ୍‌ନେସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରୁ ଦ୍ୱାଦଶ ଶ୍ରେଣୀରେ ୬୭ ପ୍ରତିଶତ ନମ୍ବର ହାସଲ କରିଥିଲେ।

ସାଧାରଣ ଶିକ୍ଷାଗତ ଫଳାଫଳ ସତ୍ତ୍ୱେ ସେ ନିରନ୍ତର ପରିଶ୍ରମ, ଦୃଢ଼ ସଙ୍କଳ୍ପ ଓ ଅଧ୍ୟବସାୟ ବଳରେ ନିଟ୍‌ରେ ଏହି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ସ୍ୱସ୍ତିକଙ୍କ ପିତା ପି. ସତ୍ୟ ନାରାୟଣ ପୁଷ୍ଟି ଏବଂ ମାତା ପି. ରାଧାରାଣୀ ପୁଷ୍ଟି ପୁଅର ଏହି କୃତିତ୍ୱରେ ଖୁସି ପ୍ରକାଶ କରିଛନ୍ତି।ନିଜ ସଫଳତା ସମ୍ପର୍କରେ ସ୍ୱସ୍ତିକ କହିଛନ୍ତି, ମୋର ନିଟ୍ ଯାତ୍ରା ପ୍ରମାଣ କରିଛି ଯେ ସ୍ୱପ୍ନ କୌଣସି ସର୍ଟକଟ୍‌ରେ ନୁହେଁ, ବରଂ ନିରନ୍ତର ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ସାକାର ହୁଏ। ଡାକ୍ତରଙ୍କ ଧଳା କୋଟ୍ ପିନ୍ଧିବା ପର୍ଯ୍ୟନ୍ତ ମୋର ସଂଘର୍ଷ ଜାରି ରହିବ। ଏବଂ ପ୍ରତ୍ୟେକ ଚ୍ୟାଲେଞ୍ଜ ମୋତେ ସମାଜର ସେବା ପାଇଁ ଜଣେ ଭଲ ଡାକ୍ତର ହେବାର ସଙ୍କଳ୍ପକୁ ଆହୁରି ଦୃଢ଼ କରିଛି।

ପୋଲସରା ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ, ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀମାନେ ସ୍ୱସ୍ତିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତାଙ୍କର ଏହି ସଫଳତା ଅଞ୍ଚଳର ଯୁବପିଢ଼ି ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣା ହୋଇ ରହିବ।

# ୨୯ ରେ ଆଷାଢ଼ ପୂର୍ଣ୍ଣିମା କଣ୍ଡେଇ ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାହିତ୍ୟ ଆସର ନେଇ ପ୍ରସ୍ତୁତି ବୈଠକରେ ଆଲୋଚନା

ବ୍ରହ୍ମପୁର, ୧୯।୭ (ଆନିସ): ବ୍ରହ୍ମପୁର ଖାସ୍ପା ସାହିରେ ବହୁ ପୁରାତନ କଣ୍ଢେଇ ଯାତ୍ରା ଦୀର୍ଘ ୨୫୦ବର୍ଷ ହେଲା ହୋଇ ଆସୁଅଛି । ଚଳିତ ବର୍ଷ ୨୯ ଜୁଲାଇ ହେବାକୁ ଥିବା କଣ୍ଢେଇ ଯାତ୍ରା ନିମନ୍ତେ ଖାସ୍ପା ସାହି ସାନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଆମ୍? ସଂସ୍କୃତି ଆମ୍ଭ ପରମ୍ପରା ତରଫରୁ ଅନୁଷ୍ଠିତ ହୋଇଥିଲା । ଏହି ବୈଠରେ ସଭାପତି ସୂର୍ଯ୍ୟ ନାରାୟଣ ଦାସଙ୍କ ଦ୍ୱାରା ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସାଧାରଣ ସମ୍ପାଦକ ଗୋପାଳ ପଟ୍ଟନାୟକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦକ ସୁଦୀପ କୁମାର୍? ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଉକ୍ତ ବୈଠକରେ ସାହିତ୍ୟ ଆସର , ସ୍ମରଣିକା ଉନ୍ମୋଚନ, ସାଂସ୍କୃତିକ



କାର୍ଯ୍ୟକ୍ରମ, ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଥିଲା । ସାହିତ୍ୟ ଆସର ନିମନ୍ତେ ଯୁବ କବି ସୁନୀଲ କୁମାର ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରାଯିବା ନେଇ ସଭାରେ ଆଲୋଚନା ହୋଇଥିଲା । ଏଥିରେ ମାନସ ରଞ୍ଜନ ପାଢ଼ୀ , ପତିତ ପାବନ ଗନ୍ତାୟତ, ଉମା ଶଙ୍କର ପାତ୍ର, ହେମନ୍ତ କୁମାର ପାତ୍ର, ବିଚିତ୍ର ସାହୁ, ସୁରେଶ କୁମାର ବେହେରା, ସୁକାନ୍ତ କୁମାର ପଣ୍ଡା, ସୁନିର ବିଶ୍ୱାସ, ବଦ୍ରିନାଥ ସାବତ , ସୁରେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ପୌର ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ପ୍ରକ୍ରିୟା ଆରମ୍ଭ, ପୋଲସରା ପୌର ପାଳିକା ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ

ପୋଲସରା,୧୯।୭ (ଆନିସ): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର ନିର୍ବାଚନ ପାଇଁ ଶୁକ୍ରବାର ୧୭/୦୭/୨୬ ତାରିଖ ଦିନ ସଂରକ୍ଷଣ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।ତେବେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୋଲସରା ପୌର ପରିଷଦ ଅଧକ୍ଷ ପଦବୀ ଅଣସଂରକ୍ଷିତ ରହିଛି ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ଏହି ତାଲିକା ପ୍ରକାଶ ପାଇବା ପରେ



୧୫ ଦିନ ମଧ୍ୟରେ ଅଭିଯୋଗ ଦାଖଲ କରିବା ପାଇଁ ଆହ୍ୱାନ କରାଯାଇଛି।୩୧/୦୮/୨୦୨୫ ତାରିଖରେ ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ପୌର ପରିଷଦ ମାନ୍ୟତା ପାଇଥିବା ବେଳେ ଏ ହେଉଛି ପ୍ରଥମ ନିର୍ବାଚନ।ସରକାରଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୋଲସରା ସହର ରାଜନେତା ଓ ଆଶାୟୀ ମାନଙ୍କ ମଧ୍ୟରେ ଆଗ୍ରହ ଓ ହଲଚଲ ଦେଖିବାକୁ ମିଳିଛି।

# ଓଡ଼ିଶା ଅଣ ଗେଜେଟେଡ ଫରେଷ୍ଟ ସର୍ଭିସେସ୍ ଆସୋସିଏସନର ସାଧାରଣ ସଭା

ଜୟପୁର,୧୯।୭ (ଆନିସ): ଓଡ଼ିଶା ନନ୍-ଗେଜେଟେଡ୍ ଫରେଷ୍ଟ ସର୍ଭିସେସ୍ ଆସୋସିଏସନ୍ ଜୟପୁର କେଏଲ ଡିଭିଜନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ଉକ୍ତ ସଭାରେ ଜୟପୁର କେଏଲ ଡିଭିଜନର ସଭାପତି ଶବିର କୁମାର ସୁନା ସଭାପତିତ୍ୱ କରିଥିଲେ।ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ନନ ଗେଜେଟେଡ୍ ଫରେଷ୍ଟ ସର୍ଭିସେସ୍ ଆସୋସିଏସନ୍ର ରାଜ୍ୟ ଉପସଭାପତି ମଳୟ ରଞ୍ଜନ ମଲ୍ଲିକ, କୋରାପୁଟ ସର୍କଲର ସଭାପତି ରବୀନ୍ଦ୍ର କୁମାର ପ୍ରଧାନ, ଉପସଭାପତି ଗୋବିନ୍ଦ ନାୟକ, କୋଷାଧ୍ୟକ୍ଷ ମନୋଜ ମହାରଣା, ରାଜ୍ୟ ପ୍ରତିନିଧି ଧୀରେନ ସତପଥୀ, କୋରାପୁଟ ଟେରିଟୋରିଆଲ୍ ଡିଭିଜନର ସଭାପତି ନୀରଜନ ପ୍ରଧାନ ଏବଂ ଜୟପୁର କେଏଲ ଡିଭିଜନର କାର୍ଯ୍ୟକାରୀ ସମିତିର ସମ୍ପାଦକ



ଲୋକେଶ ମାରାଣ୍ଡି,କୋଷାଧକ୍ଷ ରୋହିତ ସରାବୁ ଓ ଯୁଗ୍ମ ସମ୍ପାଦକ ଜଗଦୀଶ ନାୟକଙ୍କ ସହିତ ରାଜ୍ୟ ସଂଘର ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।ସଭାରେ ଉପସ୍ଥିତ ସମସ୍ତ ସମ୍ମାନିତ ଅତିଥି ଓ ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ସେହିପରି ସମ୍ପ୍ରତି ନବନିଯୁକ୍ତ ବନରକ୍ଷୀ ଓ ବନପାଳମାନଙ୍କୁ ମଧ୍ୟ ସଂଘ ପକ୍ଷରୁ ସ୍ୱାଗତ ଜଣାଇ ସେମାନଙ୍କର ଉଜ୍ଜ୍ୱଳ କାର୍ଯ୍ୟଜୀବନ କାମନା କରାଯାଇଥିଲା।ପରବର୍ତ୍ତୀ ସମୟରେ ସଂଘର ବିଭିନ୍ନ ସାଙ୍ଗଠନିକ, କର୍ମଚାରୀ କଲ୍ୟାଣ ଏବଂ ସେବାଗତ ସମସ୍ୟା ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଲୋଚିତ ସମସ୍ତ ବିଷୟକୁ ରାଜ୍ୟ ସଂଘ ମାଧ୍ୟମରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରି ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ଶେଷରେ ସଭାପତି ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ସଭାରେ ଉପସ୍ଥିତ ରହି ସଭାକୁ ସଫଳ କରିଥିବାରୁ ଧନ୍ୟବାଦ ଜଣାଇ ସଭାର ସମାପ୍ତି ଘୋଷଣା କରିଥିଲେ।

# କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚରମ ଅବ୍ୟବସ୍ଥା ଘେରରେ ରହିଥିବା ଅଭିଯୋଗ

କାଶୀନଗର , ୧୯।୭ (ଆନିସ): କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚରମ ଅବ୍ୟବସ୍ଥା ଘେରରେ ରହିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି । ମଞ୍ଜୁରୀପ୍ରାପ୍ତ ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି । ଜନସାଧାରଣଙ୍କ ବାରମ୍ବାର ଦାବି ସତ୍ତ୍ୱେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରା ଯାଉନାହିଁ କି କୌଣସି ବରିଷ୍ଠ , ଅନୁଭୂତିସମ୍ପନ୍ନ ଡାକ୍ତରଙ୍କୁ ମେଡିକାଲ ଅଫିସର ଇନଚାର୍ଜ ଭାବେ ଅବସ୍ଥାପିତ କରା ଯାଉନାହିଁ । ଯେଉଁ ଏମ ବି ବି ଏସ ଡାକ୍ତର ଉକ୍ତ ପଦବୀରେ ରହିଛନ୍ତି , ସେ ସ୍ୱଚ୍ଛତା ଓ ପାରଦର୍ଶିତା ରକ୍ଷା ପୂର୍ବକ ନିଜ କାର୍ଯ୍ୟ ତୁଲାଇ ପାରୁ ନାହାନ୍ତି ବୋଲି ଚର୍ଚ୍ଚା ଚାଲିଛି ବିଭିନ୍ନ ମହଲରେ । ଠିକ୍ ସମୟରେ ଔଷଧ ବିତରଣ କେନ୍ଦ୍ର ଖୋଲୁ ନଥିବା ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହୋଇ ଯାଉଥିବା ନେଇ ବି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି । ବହିର୍ଚିକିତ୍ସା ଚାଲିଥିବା ଗୃହର ଛାତ ଖରାପ ହୋଇ ପାଣି ଗଳୁଥିବା କାରଣରୁ ଅଳ୍ପ ଦିନ ତଳେ



ସିଲିଂ ଭାଙ୍ଗି ଫ୍ୟାନ ତଳକୁ ଖସି ଆସିଥିଲା । ତେଣୁ ବହିର୍ଚିକିତ୍ସା ବିଭାଗକୁ ସ୍ଥାନାନ୍ତରିତ କରା ଯାଇଛି । ତେବେ ଯେଉଁ କୋଠରୀକୁ ଏହା ସ୍ଥାନାନ୍ତରୀତ ହୋଇଛି ସେଠାକୁ ଇନଭର୍ଟର ସଂଯୋଗ ନଥିବା ଜଣା ପଡିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ୱାସରୁମ୍ ସବୁର ଅବସ୍ଥା ବି ଶୋଚନୀୟ ବୋଲି ଅଭିଯୋଗ ହୋଇଛି । ଫଳରେ ଉଭୟ ରୋଗୀ ଓ କାର୍ଯ୍ୟରତ ଡାକ୍ତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହିଳା ଡାକ୍ତର ଓ କର୍ମଚାରୀମାନଙ୍କୁ ସବୁଠୁ ଅଧିକ ଅସୁବିଧା ଭୋଗିବାକୁ ପଡୁଛି ବୋଲି ଆଲୋଚନା ଚାଲିଛି । ଉନ୍ନତ ମାନର ସ୍ୱାସ୍ଥ୍ୟସେବା ମିଳୁ ନଥିବା ଯୋଗୁ ଛୋଟ ଛୋଟ ରୋଗର ଚିକିତ୍ସା ପାଇଁ ବି ଖର୍ଚ୍ଚାନ୍ତ ହୋଇ ବ୍ରହ୍ମପୁର , ଶ୍ରୀକାକୁଲମ ଓ ବି ଶାଖପାଟଣା ଯିବାକୁ ହେଉଛି ବୋଲି କାଶୀନଗର ଅଂଚଳର ବହୁ ବ୍ୟକ୍ତି କହିଛନ୍ତି । କେବେ ଅବସ୍ଥା ସୁଧୁରିବ ଓ ଲୋକଙ୍କୁ ଆଶାନୁରୂପକ ସ୍ୱାସ୍ଥ୍ୟସେବା ମିଳିବ ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ପ୍ରଶାସନର ଏଥିପ୍ରତି ଉଦାସୀନତା ଜନସାଧାରଣଙ୍କୁ ଅଧିକ କ୍ଷୁବ୍ଧ କରିଛି । ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଓ ଅନ୍ୟାନ୍ୟ ଦାବି ନେଇ ପୂର୍ବରୁ ଶାନ୍ତିପୂର୍ଣ ଆନ୍ଦୋଳନ କରା ଯାଇଥିଲା ଓ ଏବେ ପୁଣି ସେ ଦିଗରେ ପଦକ୍ଷେପ ନିଆ ଯାଉଛି ବୋଲି କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର କହିଛନ୍ତି ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ୨୦ ଦଫା ଦାବି ପୂରଣ ଦାବିରେ ଆନ୍ଦୋଳନ ତୀବ୍ର

# ୧୭ ଅଗଷ୍ଟରେ ଏକଦିନିଆ ଧର୍ମଘଟ

ବ୍ରହ୍ମପୁର, ୧୯।୭ (ଆନିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏମ୍ପ୍ଲୟୀଜ୍ ଆସୋସିଏସନ୍‌ର ମିଳିତ ଉଦ୍ୟମରେ ଆଜି ବ୍ରହ୍ମପୁରସ୍ଥିତ ସତ୍ୟଭାମା ଇନ୍‌ଠାରେ ଏକ ଆନ୍ଦୋଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ୟାଙ୍କର ବିଭିନ୍ନ ଶାଖାର ଅଧିକାରୀ ଓ କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଆଗାମୀ ଆନ୍ଦୋଳନକୁ ସଫଳ କରିବା ପାଇଁ ସର୍ବସମ୍ମତିକ୍ରମେ ସଂକଳ୍ପ ଗ୍ରହଣ କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କ ପରିଚାଳନା ପକ୍ଷଙ୍କ ନିକଟରେ ୨୦ ଦଫା ଦାବିପତ୍ର ଓ ଆଇନସମ୍ମତ ଧର୍ମଘଟ ନୋଟିସ୍ ପୂର୍ବରୁ ଦାଖଲ କରାଯାଇଛି। ବାରମ୍ବାର ଆଲୋଚନା, ପତ୍ରାଚାର ଓ ବୈଠକ ସତ୍ତ୍ୱେ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକର ସମାଧାନ ନ ହେବାରୁ




ଆନ୍ଦୋଳନ ପଥ ବାଛିବାକୁ ସଂଘ ବାଧ୍ୟ ହୋଇଛି। ଦାବିପତ୍ରରେ ଟ୍ରେଡ୍ ୟୁନିଅନ୍ ସ୍ୱୀକୃତି, ସ୍ୱଚ୍ଛ ବଦଳି ନୀତି, ଦ୍ୱାଦଶ ଦ୍ୱିପାକ୍ଷିକ ଚୁକ୍ତିର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା, ବକେୟା ଭତ୍ତା ପ୍ରଦାନ, ପର୍ଯ୍ୟାପ୍ତ ନିଯୁକ୍ତି, ସ୍ୱଚ୍ଛ ପଦୋନ୍ନତି ବ୍ୟବସ୍ଥା, ଶାଖାଗୁଡ଼ିକରେ ମୌଳିକ ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା, କ୍ୟାଶ୍ ଭ୍ୟାନ୍, ଏୟାର କଣ୍ଡିସନର୍ ଓ ଗ୍ରୁପ୍ ହେଲ୍ଥ ଇନ୍ସୁରାନ୍ସ ସହ ୨୦ଟି ଗୁରୁତ୍ୱପୂର୍ଣ୍ଣ ଦାବି ସାମିଲ ରହିଛି। ସଂଘ ଘୋଷଣା କରିଛି ଯେ ଯଦି ପରିଚାଳନା ପକ୍ଷ ଶୀଘ୍ର ସକାରାତ୍ମକ ଆଲୋଚନା ଆରମ୍ଭ କରି ସମାଧାନ ନ କରନ୍ତି, ତେବେ ପର୍ଯ୍ୟାୟକ୍ରମେ ଆନ୍ଦୋଳନ ଜାରି ରହିବ। କାର୍ଯ୍ୟକ୍ରମ ଅନୁଯାୟୀ ୨୩ ଜୁଲାଇରୁ ‘ୱର୍କ ଟୁ ରୁଲ୍’, ୨୭ ଜୁଲାଇରେ କଳା ବ୍ୟାଜ୍ ପରିଧାନ, ୨୮ ଜୁଲାଇରେ ଅଫିସିଆଲ୍ ହ୍ୱାଟସଆପ୍ ଗ୍ରୁପ୍ ତ୍ୟାଗ, ୧ ଅଗଷ୍ଟରେ ରାଜ୍ୟବ୍ୟାପୀ ପ୍ରେସ ବିଜ୍ଞପ୍ତି, ୩ ଅଗଷ୍ଟରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ୩ରୁ ୭ ଅଗଷ୍ଟ ପର୍ଯ୍ୟନ୍ତ ଓ ନିକଟରେ ସ୍ମାରକପତ୍ର ପ୍ରଦାନ ଏବଂ ୧୭ ଅଗଷ୍ଟ ୨୦୨୬ରେ ଏକଦିନିଆ ଧର୍ମଘଟ ପାଳନ କରାଯିବ। ବୈଠକରେ ର ସଭାପତି ମାନଭଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ପୀତବାସ ଜେନା, ର ସଭାପତି ବିଶ୍ୱଜିତ ମିଶ୍ର, ସାଧାରଣ ସମ୍ପାଦକ ହୃଷୀକେଶ ପାତ୍ର ଏବଂ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଞ୍ଜନ ପଣ୍ଡା ଓ ଶଚୀକାନ୍ତ ପାତ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ ଏହି ଆନ୍ଦୋଳନ ବ୍ୟାଙ୍କ କିମ୍ବା ଗ୍ରାହକଙ୍କ ବିରୋଧରେ ନୁହେଁ ବରଂ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଅଧିକାର, ସ୍ୱଚ୍ଛ ପ୍ରଶାସନ, ଉନ୍ନତ କର୍ମ ପରିବେଶ ଓ ଉତ୍ତମ ଗ୍ରାହକ ସେବା ସୁନିଶ୍ଚିତ କରିବା ଏହାର ମୂଳ ଉଦ୍ଦେଶ୍ୟ। ସଭାର କାର୍ଯ୍ୟକ୍ରମକୁ ସୂରଜ ପଣ୍ଡା ସଫଳତାର ସହ ସଂଚାଳନ କରିଥିଲେ।

**ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।**
**ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥**

# ନାରୀ ରୂପେ ନାରାୟଣୀ

ବିଡିବାଲି ମାଉସୀ କେତକୀ ଜେଲରୁ ଫେରିଲେ ସତ ହେଲେ ଆଉ ବିଡି ତିଆରି କରିବା ମାନସିକ ବଳ ବା ଶାରୀରିକ ବଳ ଜୁଟାଇ ପାରିଲେନି । ପିଲା କବିଲା ନଥିଲେ ସାହାଯ୍ୟ କି ସହଯୋଗ କରିବାକୁ । ଏବେ ଆଉ ମହୁଲ ଫୁଲ ଗୋଟେଇ ଆଣି ପକଡି ଛାଣୁନଥିଲେ କି ହରିଡ଼ା, ବାହାଡା, ଅଁଳା ଚୂର୍ଣ୍ଣ ପ୍ରସ୍ତୁତ କରୁନଥିଲେ ତ ଦବି ରହିଥିବା ଖୁଁ ଖୁଁ କାଶ ପୁଣି ମୁଣ୍ଡ ଟେକୁଥିଲା ହରିଆ ର । ଗ୍ୟାସ ରୋଗ ବଳବତ୍ତର ହେଉଥିଲା ପଦନାର ପୁଣି କାହାର ଯକ୍ଷ୍ମା ତ କାହାର ଡାଇବେଟିସ ତ କାହାର ମଳକଣ୍ଟକ । ଏଣିକି କିନ୍ତୁ ସେଇ ଗାଁ ତୁଠର ମାଇପି ସବୁ ମିଶି ଗେଲି, ଦୁଲି, ଚମ୍ପା, ବାସନ୍ତୀ, ସୁକାନ୍ତି, ସମସ୍ତେ ମିଶି ଚଳେଇଥିଲେ ନିଶା ନିବାରଣ ଅଭିଯାନ । କେତକୀ ମାଉସୀ ତ୍ରିଫଳା ଚୂର୍ଣ୍ଣକୁ ବିଡିର ରୂପ ଦେଇ ବିକ୍ରୀ କରିବାର କାରଣ ଆଉ ଅଛପା ନଥିଲା କାହାକୁ ଯେ ବସ୍ତି ପୁରୁଷଙ୍କ ଗୋଟେ ଅନ୍ଧବିଶ୍ୱାସ ରହିଯାଇଥିଲା କି ପେଟେ ହାଣ୍ଡିଆ ପିଇଦେଲେ ଅବା ବିଡି ଖଣ୍ଡେ କି ଦିଖଣ୍ଡ ଟାଣିଦେଲେ ମଜରା ଛାଡିବ । ନହେଲେ ଇଟା ଭାଟି କାମ ହେଉ ଅବା ରିକ୍ସା କି ଟ୍ରଲି ଟଣା ଏ ଖରା ଗରମରେ କି ଯେ କଷ୍ଟ ଏକା ଯିଏ କରେ ସେ ଜାଣେ କିନ୍ତୁ ତାର ଉପଶମ ପେଟପୁରା ଖାଦ୍ୟ ସାଙ୍ଗକୁ ପାଣି ପିଆ ଓ ବିଶ୍ରାମ କାଳେ ସୋରିଷ ତେଲରେ ରସୁଣ ଫୁଟେଇ ଘଷା ସାଙ୍ଗକୁ ସବୁଜ ପନିପରିବା ଯେ ଏକମାତ୍ର ମହୋଷଧି ଏକଥା ବୁଝୁନଥିବା ବସ୍ତି ପୁରୁଷଙ୍କୁ ବିଡି ଦ୍ୱାରା ଆକୃଷ୍ଟ କରେଇ ପାରିଥିବା କେତକୀ ମାଉସୀ ଆଜି ଉଦାହରଣ ଗାଁ ସ୍ତ୍ରୀ ଲୋକମାନଙ୍କର ତ ସେମାନେ ଲାଗିପଡିଛନ୍ତି ସେଇ କାମରେ ଆଉ ନିଜର କରି ନେଇଛନ୍ତି କେତକୀ ମାଉସୀଙ୍କୁ । ତାଙ୍କ ପରାମର୍ଶ ଓ ଅଭିଜ୍ଞତା ଆଜି କେତେ କେତେ ନିଶାଡିଙ୍କୁ ବାଟ ଦେଖାଇଛି, ସଂସାର ବସିଛି । ସ୍ତ୍ରୀ ଲୋକ ମାନେ ଖୁବ ଉଦଯୋଗୀ ବୋଲି ଗାନ୍ଧି ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଲା ଭଳି ଆଜି ବସ୍ତିର ସବୁ ସ୍ତ୍ରୀ ଲୋକ କେତକୀ ମାଉସୀଙ୍କଠାରୁ ପାଠ ଶାଠ ଦି ଅକ୍ଷର ପଢି ଭଲ ଭଲ ବହିକୁ ତଥା ପୁସ୍ତକସବୁକୁ ଆପଣେଇ ଜ୍ଞାନ ଆହରଣ କରି ଆଗେଇ ଚାଲିଛନ୍ତି । ଆଉ ପୋଖରୀ ତୁଠରେ ପରାଚର୍ଚ୍ଚା ନାହିଁ । କି ନାହିଁ ଅନ୍ଧ ବିଶ୍ୱାସ । ନଈ ରୁ ଦଳ କାଢି, ସ୍ୱଚ୍ଛ ପାଣି ଫୁଟେଇ ପିଇ ଓ ଗୋରୁଗାଈଙ୍କ ଯତ୍ନ ନେଇ ପୁରୁଷର ସହସାଥି ହେବାରୁ ପୁରୁଷ ପୁଅ ଶ୍ରମ ରୁ ମୁକ୍ତି ପାଇ ବିଶ୍ରାମ ଓ ଯୋଗ, ବ୍ୟାମ କରିପାରୁଛି ତ ସୁସ୍ଥ ନିରୋଗ ଜୀବନ ଶୈଳୀ ଆପଣେଇ ମଦ ଛୁଇଁବି ନାହିଁ । । । ନା ନା ନା ମଦ ପିଇବି ନାହିଁ ଖୋଲି କହିପାରିବାର ବେଳ ଆସିଯାଇଛି ।

ସେତେବେଳ କଥା ନିଆରା ଥିଲା । ଗାଁ ମାଇପେଙ୍କ ଗୁପଚୁପ ରେ ପୋଖରୀ ତୁଠ ପଡୁଥିଲା ଉଠୁଥିଲା । ଖୁବ ଚର୍ଚ୍ଚା ହୁଏ ବିଡବାଲି ମାଉସୀ କେତକୀଙ୍କ ନାମରେ । ଗେଲି କହେ ଆଲୋ ଫୁଲ ମାଉସୀ ଜାଣିନୁକି କେତକୀ ମାଉସୀ ବିଡି ପିଆଇ ଆମ ସଂସାର ଉଚ୍ଛନ୍ନ କରିବାକୁ ବସିଛି । ସୁକାନ୍ତି କହୁଥିଲା ହଁ ଲୋ ନିଜ ଗେରସ୍ତ ମଦ ପିଇ ପିଇ ମରିବାରୁ ଆମ ସମସ୍ତଙ୍କ ଗେରସ୍ତଙ୍କୁ ମାରିବାର ଉପାୟ ପାଞ୍ଚି ବିଡି ମାଉସୀ ସାଜିଛି । ମରଦ ମାନଙ୍କୁ ଆମର ମେଣ୍ଢା କରି ବିଡି ପିଆଇ ପିଆଇ ମାରିବ ବସିଛି । ଦୁଲି କହେ ହଁ ଲୋ ସୁକାନ୍ତି ଅପା ବିଡି ମାଉସୀ ସାଜି ଅଳପ ପଇସାରେ ବିଡି ବିକି ଲାଭ ଉଠେଇବା ସଙ୍ଗେ ହାଣ୍ଡିଆ ସଲପ ପରା ଗୋବିନ୍ଦ ମାଝୀର ବନ୍ଦ ହୋଇଗଲାଣି । ସେ କହୁଥିଲା କୋକେନ ପ୍ରସ୍ତୁତ ବିଡି ପିଇ ରାଧୁଆ, ଜଗୁ, ମଧୁଆ, ଦିନା ଇତ୍ୟାଦି ସମସ୍ତ ବସ୍ତି ପୁରୁଷ ଏବେ ନିଜକୁ ଖୁବ ସତେଜ ଅନୁଭବ କରୁଛନ୍ତି ଖାଲି କଣ ସେତିକି କେତକୀ ବୁଢ଼ୀ ମୋ କଞ୍ଚାମାଲ ମହୁଲ ଫୁଲରେ ବି ଆଖି ପକେଇ ରାତି ଅନ୍ଧାରୁ ଆସି ମହୁଲ ଫୁଲ ଗୋଟେଇ ନେଇ ପକଡି କରି ଖୁଆଇଲାଣି । ପକଡି ଖାଇ ବୁଢ଼ୀ ର କୋକେନ ଭରା ବିଡି ପିଇ ଆଉ ଏ ବସ୍ତି ବାସିନ୍ଦାଙ୍କୁ ନିଜ ହାତ ମୁଠାରେ ରଖି ମୋ ହାଣ୍ଡିଆ ଦୋକାନ ବନ୍ଦ ହେବାକୁ ବସିଲାଣି ମ । ରହ ଲୋ କେତକୀ ବୁଢ଼ୀ, ତତେ ପାନେ ନଦେଲେ କଣ ଦେବି ମୁଁ ଛାଡି ।

ପୋଖରୀ ତୁଠର କଥା ସବୁ କେତକୀ କାନରେ ବାଜେ । ସେ କିନ୍ତୁ ବେପରୁଆ । ଦିନ ସାରା ଲାଗିଥାଏ ହରିଡ଼ା, ବାହାଡା, ଅଁଳା ଶୁଖେଇ ଗୁଣ୍ଡ କରି ତାକୁ ଛେଚି ଚୂର୍ଣ୍ଣ ପ୍ରସ୍ତୁତ କରି ବିଡି କରିବାରେ, ଯାହାକୁ ଲୋକେ ଓ ସାଇମାଇପେ କୋକେନ କୁହନ୍ତି, ପୁଣି ମେଥି, ଡ଼ାଲଚିନ, ତେଜପତ୍ର ଓ ଲବଙ୍ଗ ଶୁଖେଇ ଗୁଣ୍ଡ କରି ଛେଚି ତା ଚୂର୍ଣ୍ଣ ରେ ପ୍ରସ୍ତୁତ କରେ ଭିନ୍ନ ଭିନ୍ନ ବିଡି । ଛାନେ ମହୁଲ ଫୁଲର ପକୁଡି ।ପକୁଡି ଖାଇ ଅଳ୍ପ ଅଳ୍ପ ନିଶା ସାଙ୍ଗକୁ କେତକୀ ବୁଢ଼ୀର ବିଡି ଟାଣି ଦେଲାପରେ ହରିଆ ରିକ୍ସାଲା କହେ ଆଉ ସେ ଗ୍ୟାସ ରୋଗ ନାହିଁ, ସୁମନା ଟ୍ରଲି ବାଲା କହେ ଏଣିକି ତାର ଆଉ ଅଇ ଉଠେଇ ବାନ୍ତି ହେଉନି । ପୁଣି ଗଉରା କହେ ଆଉ ଛାତି କାଟୁନି ତ ପଦନା କହେ ଆଉ ଗୋଡ଼ ହାତ ଦରଜ ନାହିଁ ବୋଲି ଇଟା ଭାଟିରେ ଭଲ ଇଟା ପକାଇ ରୋଜଗାର ଭଲ ହେବାରୁ ପୁଅ ତାର ପାଠ ପଢିବାକୁ ଏବେ ସ୍କୁଲ ଯାଉଛି । ପଦନା ଝିଅ ମଧ୍ୟ ପାଠ ପଢିବା ସଙ୍ଗେ ନାଚ ସ୍କୁଲ ଗଲାଣି । ଏଥର କୁଆଡେ ଟିଭିରେ ତାର ନାଚ ପ୍ରୋଗ୍ରାମ ଦେଖେଇବ ବୋଲି ବସ୍ତି ସାରା ଟୁପୁରୁ ଟୁପୁରୁ ହେଲେ ପୋଖରୀ ତୁଠ ରେ ଗାଁ ମାଇପେ ବିଡି ମାଉସୀ ପଛରେ ପଡିଛନ୍ତି । ବିଡି ମାଉସୀ କିନ୍ତୁ ନିର୍ଭିକ । ସେ ସତ ପଥରେ ଅଛି । ନିଶା ଛଡେଇ ଗାଁ ପୁରୁଷଙ୍କୁ ରୋଗରୁ ନିବୃତ୍ତ କରିବା ଚେଷ୍ଟା ଚରିତ୍ର ଜାରି ରଖିଛି । ଅଳ୍ପ ଅଳ୍ପ ପାଠ ପଢ଼ିଥିବାରୁ ନିଜ ମରଦ ପାଖ ଗାଁ ମେଳାରୁ ତା କହିବା ଅନୁଯାୟୀ ବହିଟିଏ ଆଣିଦେଇଥିଲା । ସେଇଟା ଥିଲା ଘରୋଇ ନିଶା ନିବାରଣ । ସେଇ ବହିଟିକୁ ପଢି ଓ ଗେରସ୍ତ ମୃତ୍ୟୁ ଭୁଲିବାକୁ ଯାଇ କେତକୀ ବୁଢ଼ୀ ବିଡି ତିଆରିକୁ କିନ୍ତୁ ପରୋକ୍ଷରେ ରକ୍ତଚାଉଳ ଚୋବାଏ ଗୋବିନ୍ଦ । ଗୋବିନ୍ଦର ହାଣ୍ଡିଆ ଏବେ ଚାଲୁନି । ବସ୍ତି ପୁରୁଷ ସବୁ ବିଡି ଟାଣି ଅଳ୍ପେ ବହୁତେ ନୀରୋଗ ଅନୁଭବ କରୁଛନ୍ତି କହିଲେ ତା ଦେହରେ ଛୁରୀ ଚାଲିଯାଏ ତ ସେ ସିପେଇ ସୁକୁଟାକୁ କହି ବିଡି ମାଉସୀର କାରବାର ଧରେଇ ଦେବା ଯୋଜନାରେ ଅଛି । ବିଡି ମାଉସୀ ବନି କୋକେନ କାରବାର କରୁଛି ବୋଲି ସଙ୍ଗୀନ ଅପରାଧର ପରିଣାମ କଣ ହେବ ବିଡି ବୁଢ଼ୀ ଜାଣିନି ହେଲେ କେତକୀ ଜାଣେ ତ୍ରିଫଳା ଚୂର୍ଣ୍ଣ କୁ କୋକେନ କହି ତା ଅଭିଯାନକୁ ବା ନିଶା ନିବାରଣ ଆନ୍ଦୋଳନ କୁ କିଏ ରୋକିବ । ସ୍ୱାମୀ ତାର ଏଇ ଗୋବିନ୍ଦ ହାଣ୍ଡିଆ ପିଇ ପିଇ ମରିଛି । ତେଣୁ ସେ ପଣ କରିଛି ତା ବସ୍ତିର ଆଉ କେହି ଯେପରି ନମରୁ ଏମିତି ନିଶା ଖାଇ ।

ହେଲେ ସେଦିନ ସମସ୍ତେ ଟିଭି ପରଦା ରେ ଗାଁ ଝିଅ ରେଣୁର ଟିକି ଟିକି ପାଦ ର ଝଙ୍କୃତ ନାଚ ଦେଖି ଭାବ ବିହ୍ୱଳ ହେଲା ବେଳେ ଏପଟେ ଗୋବିନ୍ଦ ସୁକୁଟା ସିପେଇ କୁ ହାତ କରି ବିଡି ମାଉସୀ କୁ ଥାନା ରେ ପୁରେଇ ଓ ବିଡି ଡାଲା ସବୁ ଫୋପାଡି ମନବୋଧ ରେ ମହୁଲ ସଲପ ପିଉଥିଲେ । ଥାନାରେ ଚାବି ପଡି ରହିଥିବା ବିଡି ମାଉସୀ କେତକୀ ଙ୍କୁ ମୁକୁଳେଇବାକୁ ଯୋଉ ତୁଠ ମାଇପି ସବୁ ଚର୍ଚ୍ଚା କରୁଥିଲେ ଆଜି ଫର୍ଚ୍ଚା ରେ ସେମାନେ ଅଟଳ । ଘୁଞ୍ଚିବେନି ତିଳେ ଥାନା ଦୁଆରୁ ଯେପର୍ଯ୍ୟନ୍ତ ବିଡି ମାଉସୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇନି ।ଖଲାସ ହୋଇ ବିଡିବାଲି ମାଉସୀ ଆଜି ଉଦାହରଣ ପାଲଟି ସାରିଛନ୍ତି ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ରଥେ ବିଜେ ଦେଖ ଦାରୁ ଗଢ଼ା ଦେବତା



ଶ୍ରୀକ୍ଷେତ୍ରରେ ବିରାଜିତ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ପୂଜିତ ଦେବତା । କେବଳ ଓଡ଼ିଆ ଜାତିର ନୁହନ୍ତି, ସେ ହେଉଛନ୍ତି ସମଗ୍ର ଭାରତର ଅସ୍ମିତାର ପ୍ରତୀକ । ସେ ହେଉଛନ୍ତି ଶେଷ ଅବତାର କରୁଣାମୟ ବିଶ୍ୱ ଠାକୁର , ଚର୍ଚ୍ଚିତ ଦାରୁବ୍ରହ୍ମ ଦେବତା । ସେହିଁ କୃଷ୍ଣ, ସେହି ବିଷ୍ଣୁ । ସକଳ ଦେବାଦେବୀଙ୍କ ଗୁଣ ନିହିତ ବ୍ରହ୍ମାଣ୍ଡ ଠାକୁର । ବୈଦିକ, ଅବୈଦିକ, ଜୈନ, ବୌଦ୍ଧ , ଶାକ୍ତ , ଗାଣପତ୍ୟ, ସୌର, ଶୈବ , ନାଥ , ଶାବର , କବୀରପନ୍ଥୀ , ନାନକପନ୍ଥୀ , ଆର୍ଯ୍ୟ , ଅନାର୍ଯ୍ୟ, ମୁସଲମାନ , ଖ୍ରୀଷ୍ଟିଆନ ସମସ୍ତେ ତାଙ୍କର ଶରଣାପନ୍ନ । ତାଙ୍କର ଅପଲକ ଚକାଆଖିରେ ସକଳେ ସମାନ । ନା ତାଙ୍କ ନିକଟରେ ନା ଅଛି ସାନ ବଡ଼, ଧନୀ ନିର୍ଦ୍ଧନ , ରୋଗୀ ନିରୋଗ, ଜାତି ଅଜାତି, ଛୁଆଁ ଅଛୁଆଁ , ଭେଦ ଅଭେଦ ଭାବ ପ୍ରତିକ୍ରିୟା । ସେ ଜଣଙ୍କର ନୁହନ୍ତି , ସେ ଗଣଙ୍କର , ଅଖିଳ ବିଶ୍ୱର ଗଣଦେବତା । ସେହି ଦାରୁବ୍ରହ୍ମ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ । ଅସୀମ, ଅନିତ୍ୟ , ନିର୍ଗୁଣ । ତାଙ୍କର ଦିବ୍ୟ କୃପା ହେଲେ ତାଙ୍କୁ ଜାଣିବା ଭକ୍ତ ପକ୍ଷେ ସମ୍ଭବ ହୋଇନଥାଏ । ସେ ଚିର ରହସ୍ୟମୟ ଭାବର ଠାକୁର , ସମଗ୍ର ଓଡ଼ିଆ ଜାତିର ପ୍ରାଣବିନ୍ଦୁ । ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ / ଦେବା ନ ଜାଣନ୍ତି କୃତଃ ମନୁଷ୍ୟ ।

ଶ୍ରୀମଦ୍‌ଭାଗବଦ୍ ଗୀତାର ସେ କ୍ଷର-ଅକ୍ଷର-ପୁରୁଷୋତ୍ତମ । ଅର୍ଥାତ୍ କ୍ଷର ହେଉଛନ୍ତି ପରିଦୃଶ୍ୟମାନା ପ୍ରକୃତି ବା ସୁଭଦ୍ରା । ଅକ୍ଷର ହେଉଛନ୍ତି ବଳଭଦ୍ର ଓ ପୁରୁଷୋତ୍ତମ ହେଉଛନ୍ତି ପରମାତ୍ମା ଜଗତ୍ ପ୍ରଭୁ ଶ୍ରୀଜଗନ୍ନାଥ । ଭକ୍ତ କ୍ଷର ଓ ଅକ୍ଷର ଠାରୁ ସ୍ୱତନ୍ତ୍ର ସେହି ପରମାତ୍ମା ବା ପୁରୁଷୋତ୍ତମ ଜାଣି ପାରିଲେ ଅନ୍ୟ କିଛି ଜାଣିବା ଆବଶ୍ୟକ ନଥାଏ । ପୁରୁଷୋତ୍ତମଙ୍କୁ ଜାଣିବା ହିଁ ତା ଜନ୍ମର ସାର୍ଥକତା । ତାଙ୍କର ବିଗ୍ରହ ପୂଜା ପାର୍ବଣ ସ୍ୱୟମ୍ଭୁ ମନୁଙ୍କ ପୂର୍ବରୁ ସମାଜରେ ପ୍ରଚଳିତ ଥିବା ଶାସ୍ତ୍ରରେ ଉଲ୍ଲେଖ ରହିଛି । ସେହି ସୃଷ୍ଟିର ଏକମାତ୍ର ଆଦ୍ୟ ଦେବତା ସକଳ ଧର୍ମ ଦର୍ଶନର ପ୍ରତିନିଧିତ୍ୱ କରି ଅବିଚଳିତ ମହିମାରେ ପ୍ରତ୍ୟୟମାନ ହୋଇଆସୁଛନ୍ତି । ସେ ସତ୍-ଚିତ୍-ଆନନ୍ଦ ସଚ୍ଚିଦାନନ୍ଦ । ସେହି ପରମ ପରଂବ୍ରହ୍ମ । ତାଙ୍କ ବିଗ୍ରହ ପରମବ୍ରହ୍ମଙ୍କର ସ୍ମାରକୀ ସ୍ୱରୂପ ପ୍ରତୀକ ।

ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ, ସେ ଅରୂପା, ଅଥଚ ସର୍ବରୂପ । ଶ୍ୱେତାଶ୍ୱେତ ଉପନିଷଦରେ ଉଲ୍ଲେଖ ଅଛି - ଅପାଣି ପାଦୋ ଜବନ ଗ୍ରହୀତା / ପଶ୍ୟତ୍ୟଚକ୍ଷୁ ସ ଶୃଣୋତ୍ୟକର୍ଣ୍ଣଃ/ ସ ବେତ୍ତି ବେଦ୍ୟଂ ନ ଚ ତସ୍ୟ ବେତ୍ତା / ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ । ଅଥାର୍ଥ ସର୍ବତ୍ର ସେହି ପରଂବ୍ରହ୍ମଙ୍କ ହସ୍ତପଦ , ତାଙ୍କର ଚକ୍ଷୁ, ମସ୍ତକ ଓ ମୁଖ ଓ କର୍ଣ୍ଣ । ସେ ସର୍ବବ୍ୟାପୀ ସଚରାଚର । ସେ ସକଳ ଇନ୍ଦ୍ରିୟର ପ୍ରକାଶକ , ଅଥଚ ସେ ଇନ୍ଦ୍ରିୟ ବିବର୍ଜିତ । ତାଙ୍କର ହସ୍ତ ନଥାଇ ସେ ଗ୍ରହଣ କରନ୍ତି, ସେଭଳି ପଦ ନଥାଇ ସେ ଗମନ କରନ୍ତି, ଚକ୍ଷୁ ନଥାଇ ସେ ସର୍ବଦର୍ଶୀ , କର୍ଣ୍ଣ ନଥାଇ ସବୁ ଶ୍ରବଣ କରନ୍ତି ।

ଜଗତର ନାଥ ଜଗନ୍ନାଥ ହେଉଛନ୍ତି ସେହି ପରମବ୍ରହ୍ମଙ୍କର ପ୍ରତୀକ । ତେଣୁ ତାଙ୍କର ବିଗ୍ରହ ପୂର୍ବାବଧି ହସ୍ତପଦ ଶୂନ୍ୟ ଓ କର୍ଣ୍ଣ ବିହୀନ ଅବସ୍ଥାରେ ନିର୍ମିତ ହେଉଛନ୍ତି । ବିଶେଷ କରି ତାଙ୍କ ବିଗ୍ରହ ଦାରୁବ୍ରହ୍ମ ଭାବେ ବିରାଜିତ । କହିବାକୁ ଗଲେ ସେ ଅନ୍ୟ ଦେବଦେବୀଙ୍କ ବିଗ୍ରହ ପରି ଧାତବ ବା ପ୍ରସ୍ତରର ବିଗ୍ରହ ନୁହନ୍ତି । ତାଙ୍କର ବିଗ୍ରହ କେବଳ ନିମ୍ବ ଦାରୁରେ ନିର୍ମିତ ହୁଏ । ଦାରୁ ତାଙ୍କ ବିଗ୍ରହକୁ ପ୍ରାଣମୟ କରିଥାଏ । ସେହି ଦାରୁବ୍ରହ୍ମ ଦାରୁଦେବତା ପ୍ରାଣବାନ ଅଟନ୍ତି । କାରଣ ବୃକ୍ଷ ନିର୍ଜୀବ ନୁହେଁ । ତାର ପ୍ରାଣ ଅଛି । ତେଣୁ ଆଦିମ ଯୁଗରୁମାନବ ବୃକ୍ଷକୁ ଆଶ୍ରୟ କରି ଜୀବନ ଧାରଣ କରି ଚଳିଛି କେବଳ ନୁହେଁ, ବରଂ ତାକୁ ଅତିଭୌତିକ ଶକ୍ତି ମନେକରି ପୂଜା ଅର୍ଚ୍ଚନା ଉପାସନା କରି ଆସିଛି ।

ଦାରୁ ବିଗ୍ରହ ଉପାସନାର ପରମ୍ପରା ଏକ ପ୍ରାଚୀନ ଉତ୍କଳୀୟ ସଂସ୍କୃତି । ବିଶ୍ୱର ବୈଚିତ୍ର୍ୟମୟ ଦାରୁ ରୂପେ ଜଗନ୍ନାଥ ସେହି ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ପ୍ରତୀକ । ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ସ୍ୱୟଂ ପ୍ରଭୁ ଜଗନ୍ନାଥ । ତେଣୁ ମାନବ ସଂସ୍କୃତିର ଆଦି ପ୍ରକାଶ ହିଁ କେବଳ ଜଗନ୍ନାଥ ସଂସ୍କୃତିରେ ଘଟିଛି ।

ପୁରୁଷୋତ୍ତମ ବିହାରୀ ଶ୍ରୀଜଗନ୍ନାଥ ଦାରୁ ଦେବତା । ଆଦି ମାନବ ପ୍ରଥମେ ଦାରୁକୁ ଦେବତା ଭାବେ ପୂଜା କରିଆସିଛି । ସେହି ପୂଜା ପରମ୍ପରା ଅଦ୍ୟାବଧି ଆଦି ମାନବ ସମାଜରେ ବିଦ୍ୟମାନ । ବୈଦିକ ଆର୍ଯ୍ୟ ମାନଙ୍କ ପାଇଁ ମଧ୍ୟ ଦାରୁ ଥିଲେ ଦେବତା । ଆଦି ମାନବ ଦାରୁ ଦେବତା ସଂସ୍କୃତିରୁ କେବେ ବିଚ୍ୟୁତ ନୁହନ୍ତି । ଗୋଟିଏ ମହାନ୍ ଧାରଣାର ଧାରକ ସେମାନେ । ବୃକ୍ଷ ବା ଦାରୁ ହିଁ ପ୍ରକୃତି । ପ୍ରକୃତି ହିଁ ପରମବ୍ରହ୍ମ ।

ଶବର ସଭ୍ୟତା ଏପର୍ଯ୍ୟନ୍ତ ଦାରୁର ପ୍ରାଧାନ୍ୟ ନିକଟରେ ନିମଳିତ ନୁହେଁ । ଜନ୍ମ ଠାରୁ ମୃତ୍ୟୁ, ଏନ୍ତୁଡ଼ିଶାଳ ଠାରୁ ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକାକୁ ଅସ୍ୱୀକାର କରାଯାଇ ପାରେ ନାହିଁ । ଜୀବଦ୍ଦଶା ମଧ୍ୟ, ଦାରୁ ସର୍ବସ୍ୱ । ଯେତେବେଳେ ଦାରୁ ମାନବର ଜନ୍ମ, ଜୀବନ ଓ ମରଣ ସହିତ ନିବିଡ଼ ଭାବେ ଜଡ଼ିତ, ସେତେବେଳେ ଆଦିମାନବୀୟ ଆଧାତ୍ମିକ ସଂସ୍କୃତି ପ୍ରକୃତିର ପରମ ଉପଜୀବ୍ୟ ଦାରୁ ହିଁ ଦେବତା ରୂପେ ପୂଜିତ ହେବା ଅସମ୍ଭବନୁହେଁ । ସେଥିପାଇଁ ବୃକ୍ଷ ଉପାସନା ରୁ ହିଁ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପର୍ବର ମର୍ଯ୍ୟାଦା ବିଶ୍ୱ ବିଦିତ ହୋଇ ଆସୁଛି ।

ପ୍ରାଚୀନ କାଳରୁ ଶବରମାନେ ମହୋଦଧି କୂଳରେ ଗୋଟିଏ କୁଟୀର ମଧ୍ୟରେ ବୃକ୍ଷଗଣ୍ଡିକୁ ଅଥାର୍ଥ ଦାରୁକୁ ରଖି ପୂଜା କରି ଆସୁଥିଲେ । ସେହି କୁଟୀରରେ ଦ୍ରାବିଡ଼ ଶବ୍ଦ ଗୁଡିସା ବ୍ୟବହାର କରାଯାଉଥିଲା । ପାରମ୍ପରିକ ରୀତିନୀତିରେ ଶବରମାନେ ବୃକ୍ଷ ଦେବତାଙ୍କୁ ରଥରେ ନେଇ ଅନ୍ୟ କୁଟୀରରେ ରଖିବାର ଯାତ୍ରାକୁ ଗୁଡିସା ଯାତ୍ରା ପରବର୍ତ୍ତୀ ସମୟରେ ଗୁଣ୍ଡିଚା ଯାତ୍ରା ରୂପେ ଖ୍ୟାତ ହୋଇଛି । ଅଦ୍ୟାବଧି ସେହି ଶବରମାନଙ୍କ ବଂଶଜ ଦଇତା ମାନଙ୍କ ଦ୍ୱାରା ଗୁଣ୍ଡିଚା ଯାତ୍ରା ସମାହିତ ହେଉଛି । ଶାବରୀ ଭାଷାରେ କୁନଡିଜା ଅଥାର୍ଥ ସେହି ଗଣ୍ଡି ଅପଭ୍ରଂଶ ହୋଇ ଗୁଣ୍ଡିଚା ନାମରେ ନାମିତ ହୋଇ ଗୁଣ୍ଡିଚା ଯାତ୍ରା ଭାବେ ପରିଗଣିତ ହୋଇଛି । ଶବର ଦେତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଗୁଣ୍ଡିଚା ଯାତ୍ରା ପରମ୍ପରାରେ ଏବେ ଘୋଷ ପର୍ବ ଭାବେ ପାଳିତ ହେଉଛି ।

ପରମବ୍ରହ୍ମଙ୍କର ବିଗ୍ରହ ନିମ୍ବ ବୃକ୍ଷର ଗଣ୍ଡିକୁ ନିର୍ବାଚନ କରିବାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିଛି । ବିଗ୍ରହ ଶୁଷ୍କ କାଠରେ ନିର୍ମିତ ନହୋଇ ସଦ୍ୟ କର୍ତ୍ତିତ ହୋଇଥିବା ଦାରୁରେ ନିର୍ମିତ ହୁଏ । କାରଣ ଦାରୁ ବୃକ୍ଷ ରସପୂର୍ଣ୍ଣ ରହିଥାଏ । ସ୍ଥାବରାଣାମ୍ ରସୋ ପ୍ରାଣଃ - ବିଶେଷ କରି ସେହି ରସ, ଦାରୁରେ ବାର ବର୍ଷ ପର୍ଯ୍ୟନ୍ତ ଅଶୁଷ୍କ ଅବସ୍ଥାରେ ରହିଥାଏ । ତେଣୁ ପ୍ରତ୍ୟେକ ବାର ବର୍ଷ ପରେ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ନବକଳେବର କରାଯିବାର ସ୍ୱତନ୍ତ୍ର ବିଧି ରହିଛି । ଏହି ନବକଳେବର ପୁଣି ଦୋ ଆଷାଢି ବର୍ଷରେ କରାଯିବାର ପାରମ୍ପରିକ ବିଧିବିଧାନ ରହିଛି । କାରଣ ଆଷାଢ଼ ମାସରେ ନିମ୍ବ ବୃକ୍ଷ ପୂର୍ଣ୍ଣ ମାତ୍ରାରେ ରସଯୁକ୍ତ ହୋଇଥାଏ । ତେଣୁ ବାର ବର୍ଷ ପରେ ଶୁଷ୍କ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ସେଠାରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯାଏ । ସାଧୁ ଚୈତନ୍ୟ ଦାସ ତାଙ୍କ ନିର୍ଗୁଣ ମାହତ୍ମ୍ୟ ରେ ଉଲ୍ଲେଖ କରିଛନ୍ତି- ଶୁଖିଲା କାଠ ଦାରୁବ୍ରହ୍ମ / ତହିଁ ଅଛନ୍ତି ପରଂବ୍ରହ୍ମ ।

ଯୁଗ ଯୁଗ ଧରି ମହାପ୍ରଭୁ ଜଗନ୍ନାଥଙ୍କ ଏହି ଦାରୁ-ବ୍ରହ୍ମ ବିଗ୍ରହ କେବଳ ମାନବ ଜାତିକୁ ଚେତାଇ ଦେଉଛି ଜନ୍ମ ମୃତ୍ୟୁର ରହସ୍ୟ । ଏ ଶରୀର ଅସ୍ଥାୟୀ , ମରଣଶୀଳ । କିନ୍ତୁ ଶରୀର ମଧ୍ୟରେ ଅଧିଷ୍ଠିତ ପ୍ରାଣ ବା ଆତ୍ମା ସେହି ମହାପ୍ରାଣର ଅଂଶ ବିଶେଷ । ସେହି ଆତ୍ମା ହିଁ ହେଉଛନ୍ତି ପୁରୁଷୋତ୍ତମ ପରମବ୍ରହ୍ମ । ତେଣୁ ଆତ୍ମାର କେବେ ମୃତ୍ୟୁ ନାହିଁ । କେବଳ ମାତ୍ର ଘଟ ପରିବର୍ତ୍ତନ ଘଟେ । ମହାପୁରୁଷ ସନ୍ଥ ଅଚ୍ୟୁତାନନ୍ଦ ଶୂନ୍ୟ ସଂହିତା ରେ କହିଛନ୍ତି - ଅବତାର ଦଶ ଏହି ଦାରୁରୂପ/ ଏହି ଦାରୁରେ ସେ ଲୀନ / ଈଶ୍ୱର ସାଖ୍ୟାତେ ଲୀଳାର ନିମନ୍ତେ/ ବିଜେ ରତ୍ନ ସିଂହାସନ ।

ଚାରିବେଦ ମଧ୍ୟରେ ଋଗ୍ ବେଦ ପ୍ରାଚୀନ ତମ । ସେଥିରେ ବର୍ଣ୍ଣନା ଅଛି ସିନ୍ଧୁ-ତୀର-ବାସୀ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ବ୍ରହ୍ମ । ବେଦର ଭାଷ୍ୟକାର ତଥା ବିଜୟ ନଗର ରାଜାଙ୍କ ଅମାତ୍ୟ ସାୟଣାଚାର୍ଯ୍ୟ କହିଛନ୍ତି ପୁରୀ ବା ପୁରୁଷୋତ୍ତମ ପୀଠର ଦାରୁ-ବ୍ରହ୍ମ ପୁରୁଷୋତ୍ତମଙ୍କର ସୂଚନା ମିଳେ, ଯଥା - ଆଦୌ ଯଦ୍ ଦାରୁ ପ୍ଳବତେ ସିନ୍ଧୋଃ ଅପୁରସମ୍ /ତଦା ଲଭସ୍ୱ ଦୁର୍ଦ୍ଦାନୋ ତନେ ଯାହି ପରଂସ୍ଥଳମ୍ । ତୈତ୍ତିରୀୟ ଶ୍ରୁତିରେ ଦାରୁ ମୂର୍ତ୍ତିର ମିଳିଥାଏ । ଡକ୍ଟର ବାସୁଦେବ ସାହୁ ମତପ୍ରକାଶ କରି କୁହନ୍ତି - ଯଦି ବୈଦିକ କାଳର ଏହି ଦାରୁ ଜଗନ୍ନାଥଙ୍କ ପୂର୍ବ ଦାରୁ ରୂପ ବୋଲି ପ୍ରମାଣିତ ହୁଏ, ତେବେ ଜଣାଯିବ ଦାରୁ-ବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥଙ୍କ ଅସ୍ତିତ୍ୱ ବୈଦିକ ଯୁଗରେ ଅଥାର୍ଥ ଖ୍ରୀଷ୍ଟାପୂର୍ବ ଦେଢହଜାର ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ । ବେଦ ପରି ଉପନିଷଦରୁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସ୍ୱରୂପର ଯଥେଷ୍ଟ ପ୍ରମାଣ ମିଳିଥାଏ । ଶ୍ୱେତାଶ୍ୱେତ୍ତର ଓ କୈବଲ୍ୟ ଉପନିଷଦରେ ଦାରୁ-ବ୍ରହ୍ମ ପୁରୁଷୋତ୍ତମଙ୍କର ସ୍ୱରୂପ ଓ ସୂଚନା ରହିଛି ।

ରହସ୍ୟମୟ ଠାକୁର ସେ । ତାଙ୍କର ରହସ୍ୟ ଭେଦ କରିବା ସହଜ ନୁହେଁ । ମମ ଚିତ୍ତ ସଦାହମ । ମୁଁ ସର୍ବଜ୍ଞ ଓ ଏକ ରୂପ ଥାଇ ଅରୂପ । ମୋତେ କେହି ଜାଣିପାରନ୍ତି ନାହିଁ । ମୁଁ ଶୁଦ୍ଧ ଚୈତନ୍ୟ ସ୍ୱରୂପ । ବାସ୍ତବରେ ଉପନିଷଦ ବାକ୍ୟ ସମୂହରେ ପୁରୁଷୋତ୍ତମ ଚେତନାର ପୁଷ୍କଳ ଅଭିବ୍ୟକ୍ତି ସୁସ୍ପଷ୍ଟ । ଶ୍ରୀମଦ୍ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟରେ ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଆଲୋଚନା ପ୍ରସଙ୍ଗରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ନାମୋଲ୍ଲେଖ ରହିଛି । ଯଥା - ଦ୍ୱବିମୌ ପୁରୁସୌ ଲୋକେ କ୍ଷର ଶ୍ଚାକ୍ଷର ଏବ ଚ / କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ । ଉତ୍ତମଃ ପୁରୁଷ ସ୍ତ୍ୱନ୍ୟଃପରମାତ୍ମେତ୍ୟୁ ଦାହୃତଃ / ଯୋ ଲୋକତ୍ରୟ ମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ / ଯସ୍ମାତ୍ କ୍ଷରମତୀ ତୋହମ୍ କ୍ଷରଦପି ଚୋତ୍ତମଃ / ଅତୋସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।

ବାସ୍ତବରେ ଏହାର ଅର୍ଥ ହେଉଛି ସଂସାରରେ କ୍ଷର ଓ ଅକ୍ଷର ନାମରେ ଖ୍ୟାତ । ଆବ୍ରହ୍ମସ୍ତମ୍ଭ ଚରାଚର ସମଗ୍ର ବିଶ୍ୱ ସୃଷ୍ଟିକୁ କ୍ଷର କୁହାଯାଏ । କାରଣ ଏହା ବିନାଶଶୀଳ । ଭଗବାନଙ୍କର ମାୟାଶକ୍ତି ବା ଅବ୍ୟକ୍ତ ମୂଳ ପ୍ରକୃତି ହେଉଛି ଅକ୍ଷର ପୁରୁଷ । କାରଣ ଏହା ନିତ୍ୟ ଓ ଅବିନାଶୀ । ଏହି ଦୁଇଟି ଠାରୁ ଭିନ୍ନ ଓ ଶ୍ରେଷ୍ଠ ହେଉଛି ପୁରୁଷୋତ୍ତମ ଓ ସେ ହେଉଛନ୍ତି ପରମାତ୍ମା । ସେହିଁ ସର୍ବ ନିୟନ୍ତା , ଈଶ୍ୱର ଓ ନିର୍ବିକାର । ମୁଁ କ୍ଷର ଓ ବିନାଶଶୀଳ, ଜଡ ସୃଷ୍ଟିର ଅତୀତ । ଅବ୍ୟକ୍ତ ମାୟା ବା ମୂଳ ପ୍ରକୃତି ଠାରୁ ଉତ୍ତମ । ତେଣୁ ଲୋକ ସମୂହରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପରିଚିତ ବୋଲି ଭଗବାନ ନିଜ ମୁଖରେ ପ୍ରକାଶ କରିଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ସେହି ପୁରୁଷୋତ୍ତମ ହେଉଛନ୍ତି ଦାରୁ ଦେବତା ଶ୍ରୀଜଗନ୍ନାଥ । ତେଣୁ ସେହି ଲୀଳାମୟ ରହସ୍ୟମୟ ଠାକୁର ପୁରୁଷୋତ୍ତମ, ଦାରୁ ବ୍ରହ୍ମ ଦାରୁଦେବତା ଜଗନ୍ନାଥ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସି ଆପଣାର ଜନ୍ମ ପୀଠ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଅଗଣିତ ବିଶ୍ୱବାସୀ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବାର ସୌଭାଗ୍ୟ ଲାଭ କରନ୍ତି । ସତ୍ୟ, ଶାନ୍ତି ଓ ବିଶ୍ୱ ପ୍ରତୀକ ଜଗନ୍ନାଥଙ୍କୁ ଦର୍ଶନ କରି ମୋକ୍ଷ ଲାଭ କରିବାର ବିଶ୍ୱାସ ରହିଛି । ତାଙ୍କରି ଦର୍ଶନରେ ପୁନରୋପି ଜନ୍ମଂ, ପୁନରୋପି ମରଣଂ ଘୂର୍ଣ୍ଣିରୁ ରକ୍ଷା ମିଳେ...!!!

**ଡକ୍ଟର ଲକ୍ଷ୍ମଣ ସାହୁ**
**ଅଧକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ- ୪**

# ପଶ୍ଚିମବଙ୍ଗ ରାଜନୀତିରେ ନକ୍ସଲବାରୀ ଆନ୍ଦୋଳନ



ଭାରତୀୟ ରାଜନୀତିରେ ପଶ୍ଚିମବଙ୍ଗ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ସ୍ୱାଧୀନତା ଆନ୍ଦୋଳନର ଚର୍ଚ୍ଚା ଏହି ରାଜ୍ୟର ଯୋଗଦାନକୁ ବାଦଦେଇ କରାଯାଇ ପାରିବ ନାହିଁ। ସମାଜିକ ସଂସ୍କାର ଆନ୍ଦୋଳନ କ୍ଷେତ୍ରରେ ପଶ୍ଚିମବଙ୍ଗ ସାରା ଭାରତବର୍ଷର ମାର୍ଗଦର୍ଶକ ଥିଲା। ତେଣୁ କୁହଯାଉଥିଲା ବେଙ୍ଗଲ ଆଜି ଯାହା ଭାବେ ଭାରତବର୍ଷ କାଲି ସେକଥା ଭାବେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଲୋକେ କହିବା ଆରମ୍ଭ କଲେଣି ଯେ ଭାରତବର୍ଷ ଏବେ ଯାହା କରୁଛି, ପଶ୍ଚିମବଙ୍ଗ କାଲି ଏହାକୁ ଅନୁସରଣ କରୁଛି। ତାହାହିଁ ଦେଖିବାକୁ ମିଳିଲା ଗତ ବିଧାନସଭା ନିର୍ବାଚନରେ। ଗୋଟିଏ ଦଶକ ତଳେ କେହି କେବେ ଭାବିପାରୁ ନଥିଲେ ଯେ ଦିନେ ବାମପନ୍ଥୀ ବିଚାରଧାରା ପ୍ରାଧାନ୍ୟ ବିସ୍ତାର କରିଥିବା ପଶ୍ଚିମବଙ୍ଗରେ ଦକ୍ଷିଣପନ୍ଥୀ ବିଜେପି ସରକାର ଗଢିବ ବୋଲି। ରାଜ୍ୟରେ ୨୦୧୧ ମସିହାରେ ବାମପନ୍ଥୀଙ୍କ ବିପର୍ଯ୍ୟୟ ଅନେକଙ୍କୁ ଚକିତ କରିଥିଲା। ଏବେ ବିଜେପିର ବିପୁଳ ବିଜୟ ଲୋକଙ୍କୁ ଆହୁରି ଅଧିକ ଚକିତ କରିଛି।

ସ୍ୱାଧୀନତା ପରଠାରୁ ଦୀର୍ଘବର୍ଷ ଧରି ୧୯୪୭ ରୁ ୧୯୬୭ ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ପଶ୍ଚିମବଙ୍ଗଙ୍କୁ ଶାସନ କରିଛି। ଫେବ୍ରୁଆରି ୧୯୬୭ ନିର୍ବାଚନରେ ଇଉନାଇଟେଡ଼ ଫ୍ରଣ୍ଟ ସରକାର ଗଠିତ ହୁଏ। ଏହି ଫ୍ରଣ୍ଟରେ ବାଙ୍ଗଲା କଂଗ୍ରେସ ଓ ସିପିଏମ ସମେତ ଅନ୍ୟ ବାମପନ୍ଥୀ ପାର୍ଟିମାନେ ମୁଖ୍ୟ ଅଂଶିଦାର ଥାଆନ୍ତି। ନୂଆ ସରକାରରେ ଶ୍ରୀ ଅଜୟ କୁମାର ମୁଖାର୍ଜୀ ମୁଖ୍ୟମନ୍ତ୍ରୀ ଓ ଶ୍ରୀ ଜ୍ୟୋତିବସୁ ଉପମୁଖ୍ୟମନ୍ତ୍ରୀ ହୁଅନ୍ତି। ସେତେବେଳକୁ ରାଜ୍ୟରେ ମାଓବାଦୀ ସଂଗଠନ ମୁଣ୍ଡଟେକି ସାରିଥାଏ। ମାର୍ଚ୍ଚ ୧୯୬୭ ରେ ହଠାତ୍? ଦାର୍ଜିଲିଙ୍ଗ ଜିଲ୍ଲା ଅନ୍ତର୍ଗତ ନକ୍ସଲବାରୀ ଗ୍ରାମରେ ମାଓବାଦୀ ଆନ୍ଦୋଳନ ବିସ୍ଫୋରକ ରୂପ ଧାରଣ କରେ। କ୍ଷୀପ୍ରଭାବେ ରାଜ୍ୟର ଚାରିଆଡ଼େ ଏହା କାୟା ବିସ୍ତାର କରେ। ନକ୍ସଲବାରୀରୁ ଏ ଆନ୍ଦୋଳନ ଆରମ୍ଭ ହୋଇଥିବା ଯୋଗୁଁ ଏହି ମାଓବାଦୀ ଆନ୍ଦୋଳନ ନକ୍ସଲପନ୍ଥୀ ଆନ୍ଦୋଳନଭାବେ ପରିଚିତ ହୁଏ। ଏହାର ନେତୃତ୍ୱ ନିଅନ୍ତି ଚାରୁ ମଜୁମଦାର, କାହ୍ନୁ ସାନ୍ୟାଲ, ଜଙ୍ଗଲ ସାନ୍ତାଲ ପ୍ରମୁଖ। ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଇଉନାଇଟେଡ଼ ଫ୍ରଣ୍ଟ ସରକାର ପାରୁପର୍ଯ୍ୟନ୍ତ ଚେଷ୍ଟା କରେ। ଅବଶ୍ୟ ଗୋଟିଏ ଗୋଷ୍ଠୀ ଏମାନଙ୍କ ପ୍ରତି କୋହଳ ମନଭାବ ଅବଲମ୍ବନ କରନ୍ତି। ଅନେକ ସ୍ଥାନରେ ଗୁଳିଚାଳନା ହୁଏ ଓ ବହୁ ଆନ୍ଦୋଳନକାରୀ ମୃତାହତ ହୁଅନ୍ତି, ଗିରଫଦାରୀ ମଧ୍ୟ ହୁଏ। ଜ୍ୟୋତିବସୁ ଗୃହବିଭାଗ ଦାୟିତ୍ୱରେ ଥାଆନ୍ତି।

ମାର୍ଚ୍ଚ, ୧୯୭୨ ମସିହାରେ ପୁଣି ବିଧାନସଭା ନିର୍ବାଚନ ହୁଏ। ଭାରତୀୟ ଜାତୀୟ କଂଗ୍ରେସ ସିଦ୍ଧାର୍ଥ ଶଙ୍କର ରାୟଙ୍କ ନେତୃତ୍ୱରେ କ୍ଷମତାକୁ ଫେରେ। କଂଗ୍ରେସ ଦୁଇ ତରଫା ଦୋଷାରୋପ ଜରିଆରେ ଜନସମର୍ଥନ ଲାଭ କରିବାକୁ ସକ୍ଷମ ହୁଏ। ଇଉନାଇଟେଡ଼ ଫ୍ରଣ୍ଟ ସରକାରର ନୀରବ ସମର୍ଥନ ଯୋଗୁଁ ନକ୍ସଲବାଦୀ ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି ମଧ୍ୟବିତ୍ତ ଓ ସ୍ଥିତିବାନ ଲୋକଙ୍କୁ ବୁଝାଇବାକୁ ସକ୍ଷମ ହୁଏ। ଅନ୍ୟପଟେ ଗରୀବ, ଖଟିଖିଆ ଓ ଶ୍ରମିକ ସମାଜ ଉପରେ ଯେଉଁ ଗୁଳିଚାଳନା ଓ ଗିରଫଦାରୀ ହୋଇଛି ସେଥିପାଇଁ ଫ୍ରଣ୍ଟ ସରକାରକୁ ଦାୟିକରି ଏମାନଙ୍କ ସମର୍ଥନ ହାସଲ କରିବାକୁ ସକ୍ଷମ ହୁଏ। ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ରକ୍ତମୁଖା ହୋଇ ପଡ଼ନ୍ତି ନକ୍ସଲପନ୍ଥୀମାନଙ୍କୁ ସମାପ୍ତ କରିବା ପାଇଁ। ପୋଲିସବାହିନୀକୁ ଖୋଲାଛାଡ ଦିଆଯାଏ ଆନ୍ଦୋଳନକୁ ଦମନ କରିବା ପାଇଁ। ଗୁଳିଚାଳେ, ଗିରଫଦାରୀ ହୁଏ, ନିରୀହ ଜନତା ବି ବଳି ପଡନ୍ତି। ଚାରୁ ମଜୁମଦାରଙ୍କୁ ଜୁଲାଇ, ୧୯୭୨ ରେ ଗିରଫ କରାଯାଏ ଓ ସେ ସନ୍ଦେହଜନକ ଭାବେ ହାଜତରେ ମୃତ ବରଣ କରନ୍ତି। ନିର୍ଦ୍ଦୋଷ ଲୋକଙ୍କ ଉପରେ ଅତ୍ୟାଚାରକୁ ବୁଦ୍ଧିଜିବୀ ଓ ସଚେତନ ନାଗରିକ ମହଲ ତୀବ୍ର ବିରୋଧ କରନ୍ତି। ଆନ୍ଦୋଳନର ସମର୍ଥନରେ କିଛି ଲେଖକ ଲେଖିକା ବାହାରନ୍ତି। ଏହି ସମୟରେ ମହାଶ୍ୱେତା ଦେବୀଙ୍କ ପ୍ରସିଦ୍ଧ ଉପନ୍ୟାସ ଆସେ ହାଜାର ଚୌରାଶିର ମାଁ, ଅର୍ଥାତ୍? ମୃତ ପୁଅର କ୍ରମିକ ସଂଖ୍ୟା ୧୦୮୪।

୧୯୭୭ ନିର୍ବାଚନରେ କଂଗ୍ରେସ ପରାସ୍ତ ହୁଏ ଓ ଲେଫ୍ଟ ଫ୍ରଣ୍ଟର ବିପୁଳ ବିଜୟ ହୁଏ। ଏହା ପଛରେ ଦୁଇଟି କାରଣ ଥିଲା। ପ୍ରଥମରେ ରାଜ୍ୟ କଂଗ୍ରେସ ସରକାରର ଦମନଲୀଳା ସଂଖ୍ୟାଧିକ ସାଧାରଣ ଜନତାଙ୍କୁ ବ୍ୟଥିତ କରିଥିଲା। ଦ୍ୱିତୀୟରେ ସମଗ୍ର ଭାରତବର୍ଷରେ କଂଗ୍ରେସ ବିରୁଦ୍ଧରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ ପ୍ରଭାବ ପକାଇ ଥିଲା। ଏହି ନିର୍ବାଚନରେ ଲେଫ୍ଟଫ୍ରଣ୍ଟ ୨୯୪ ରୁ ୨୩୧ ଟି ଆସନ ଜିତି ଶାସନକୁ ଆସିଲା ଓ ଶ୍ରୀ ଜ୍ୟୋତିବସୁ ହେଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ବାମପନ୍ଥୀ ସରକାର ଦୀର୍ଘ ୩୪ ବର୍ଷଧରି ୨୦୧୧ ପର୍ଯ୍ୟନ୍ତ ଚାଲିଲା। ଶେଷ ଆଡ଼କୁ ବୟସାଧିକ ଯୋଗୁଁ ଶ୍ରୀ ବସୁ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ପଦ ଛାଡିଲେ ଓ ଶ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ହେଲେ ମୁଖ୍ୟମନ୍ତ୍ରୀ। ପଶ୍ଚିମବଙ୍ଗରେ ଦୀର୍ଘ ବାମପନ୍ଥୀ ଶାସନର ଅନ୍ତରାଳେ ନକ୍ସଲବାଦୀ ଆନ୍ଦୋଳନର ପ୍ରଭାବକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏହା ଲୋକଙ୍କୁ ସାମ୍ୟବାଦୀ ଆନ୍ଦୋଳନ ପ୍ରତି ଆକୃଷ୍ଟ କରିଥିଲା। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବେ ଗଣତାନ୍ତ୍ରିକ ଉପାୟରେ ସାମ୍ୟବାଦ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ।

୨୦୧୧ ମସିହାରେ ପଶ୍ଚିମବଙ୍ଗରେ ବାମପନ୍ଥୀ ଶାସନର ଅନ୍ତ ଘଟିଲା ଓ ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ କ୍ଷମତାକୁ ଆସିଲା। ସେ ହେଲେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ। ପ୍ରଥମେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଥିଲେ ଏବଂ ମନୋମାଳିନ୍ୟ ଯୋଗୁଁ ୧୯୯୭ ରେ ବାହାରି ଆସିଥିଲେ ଓ ୧୯୯୮ ରେ ଟିଏମସି ଗଠନ କରିଥିଲେ। ପୂର୍ବ ବାମପନ୍ଥୀ ସରକାର ସହିତ ତାଙ୍କର ଦୀର୍ଘ ସଂଘର୍ଷର କଥା ରହିଛି। ମାଁ-ମାଟି-ମାନୁଷ ସ୍ଲୋଗାନ ମାଧ୍ୟମରେ ସେ କ୍ଷମତାକୁ ଆସିଥିଲେ। ଦୀର୍ଘ ବାମପନ୍ଥୀ ଶାସନ ପରେ ଲୋକମାନେ ଆଉ ଅଧିକ କିଛି ମିଳିବାର ଆଶା ନାହିଁ ବୋଲି ଅନୁଭବ କରୁଥିଲେ। ସୁବିଧାବାଦୀ ଓ ଭ୍ରଷ୍ଟାଚାରୀମାନେ କ୍ରମେ ଶାସନ କଳକୁ କବଳିତ କରି ନେଇଥିଲେ। ବାମପନ୍ଥୀଙ୍କୁ ବିସ୍ଥାପିତ କରିବା ପାଇଁ ସେ ଗରୀବ, ଶ୍ରମିକ, ଖଟିଖିଆଙ୍କୁ ଗୁରୁତ୍ୱ ଦେଇଥିଲେ। ମାଆକୁ ସମ୍ମାନ, ଭିଟାମାଟିର ସୁରକ୍ଷା ଓ ମଣିଷକୁ ଅଧିକାର ଥିଲା ତାଙ୍କ ନିର୍ବାଚନ ଇସ୍ୟୁ। ଦିନେ ଅନୁଭବ ହେଉଥିଲା ପଶ୍ଚିମବଙ୍ଗରେ ବାମପନ୍ଥୀ ଶାସନର ଅନ୍ତ ହେବ ନାହିଁ। କିନ୍ତୁ ଏକାକି ଲଢ଼ି ସେ ବାମପନ୍ଥୀ ବାହିନୀକୁ ପରାସ୍ତ କରିଥିଲେ।

ଗଣତନ୍ତ୍ରରେ ଶାସନ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା। ୨୦୨୬ ନିର୍ବାଚନରେ ପୁଣି ପରିବର୍ତ୍ତନ ଆସିଲା। ଦୀର୍ଘ ୧୫ ବର୍ଷର ଶାସନ ପରେ ଟିଏମସିକୁ ହରାଇ ବିଜେପି ଶାସନ କ୍ଷମତାକୁ ଆସିଛି। ଏ ପରାଜୟକୁ ମମତା ଦିଦି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ଜାଣିଶୁଣି ହରାଇ ଦିଆଯାଇଛି ବୋଲି ଅଭିଯୋଗ କରୁଛନ୍ତି। ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ସେ କହୁଛନ୍ତି। ଅନ୍ୟପଟେ ନିର୍ବାଚନ ପରେ ଟିଏମସି ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ସଂଖ୍ୟାଧିକ ଏମପି ଦଳ ଛାଡି ଦେଇଛନ୍ତି। ରାଜ୍ୟରେ ମଧ୍ୟ ସଂଖ୍ୟାଧିକ ଏମଏଲଏ ଅଲଗା ଗୋଷ୍ଠୀକରି ନିଜକୁ ପ୍ରକୃତ ଟିଏମସି ବୋଲି ଘୋଷଣା କରିଛନ୍ତି। ମମତା ବାନାର୍ଜୀ ମଧ୍ୟ କେତେକ ବିଦ୍ରୋହୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଆଗକୁ ଆହୁରି ଝଗଡ଼ା ବାକି ଅଛି। ଦେଖିବାକୁ ବାକିଅଛି ମମତା ବାନାର୍ଜୀ ପୁନର୍ବାର ଦଳକୁ ସଂଗଠିତ କରି କ୍ଷମତାକୁ ଫେରିବାକୁ ସକ୍ଷମ ହେଉଛନ୍ତି ଅଥବା ବାମପନ୍ଥୀଙ୍କ ପରି ବହୁ ପଛକୁ ଚାଲି ଯାଉଛନ୍ତି।

ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ରାଜ୍ୟ ରାଜନୀତିରେ ନକ୍ସଲବାରୀ ଆନ୍ଦୋଳନ ଏକ ନୂତନ ମୋଡ଼ ଆଣିଥିଲା। ହେଲେ ୨୦୧୧ ନିର୍ବାଚନରେ ଏହି ମୋଡ଼ ବଦଳିଥିଲା ଓ ୨୦୨୬ ରେ ପୁଣି ଏହା ବଦଳିଛି। ବାମପନ୍ଥୀ ଓ ଏହାର ଦରଦୀ ବିଚାରଧାରା ଧ୍ୱଂସ ହୋଇଛି ଓ ଦକ୍ଷିଣପନ୍ଥୀ ବିଚାରଧାରାର ଅଭ୍ୟୁଦୟ ହୋଇଛି। ଏହାକୁ ପଶ୍ଚିମବଙ୍ଗ ଜନତା କେତେ ଯାଏଁ ସ୍ୱୀକାର କରୁଛନ୍ତି ଦେଖିବାକୁ ହେବ।

**ଅଧ୍ୟାପକ ଗୋପବନ୍ଧୁ(ଅବସରପ୍ରାପ୍ତ),**
**ଦର୍ଶନ ବିଭାଗ, ବାରିପଦା, ମୟୂରଭଞ୍ଜ,**

# ୩୩% ମହିଳା ଆରକ୍ଷଣ ବିଲ୍ ତୁରନ୍ତ କାର୍ଯ୍ୟକାରୀ ଦାବିରେ କଂଗ୍ରେସର ପୋଷ୍ଟକାର୍ଡ ଅଭିଯାନ

ବାରିପଦା,୧୯।୭ (ଆନିସ): ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାରିପଦାସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ନାରୀ ନେତ୍ରୀ ଭୁବନେଶ୍ୱରୀ ଜେନାଙ୍କ ସଂଯୋଜନାରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଏକ ପୋଷ୍ଟକାର୍ଡ ଅଭିଯାନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟା



ସୁନିତା ନାୟକ,ସବିତା ସୋରେନ, ଭାରତୀ ପାତ୍ର, ଗୌରୀ ନାୟକ ଓ ସସ୍ମିତା ବେହେରା ବର୍ତ୍ତମାନର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ସଂସଦରେ ମହିଳା ଆରକ୍ଷଣ ବିଲ୍ ପାରିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇନଥିବାରୁ ଦେଶର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ତୁରନ୍ତ ବିଲ୍‌କୁ ଲାଗୁ କରି ମହିଳାମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ମହିଳା ଆରକ୍ଷଣ ବିଲ୍‌କୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଦାବି ଜଣାଇଥିଲେ ମହିଳା କର୍ମୀମାନେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଦିବାସୀ କଂଗ୍ରେସର ଉପାଧ୍ୟକ୍ଷ ଚୈତନ ହାଁସଦା, ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ, ଶେଖ ରକିମ, ଅସିତ ଦାସ, ଅଭିଷେକ ଯାଦବ, ବନମାଳୀ ବାରିକ, ଉତ୍ତମ ବେହେରା, ପ୍ରତାପ ନାୟକ, ଶଶୀ ଯାଦବ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ କଥିତ ମହିଳା ବିରୋଧୀ ଚିନ୍ତାଧାରାକୁ ଘୋର ବିରୋଧ କରିଥିଲେ ଏବଂ ମହିଳାଙ୍କୁ ରାଜନୈତିକ କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱ ଦେବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଜଣାଇଥିଲେ।

### ନାବାଳକଙ୍କୁ ଉଲଗ୍ନ କରି ମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ, ୩ ଫେରାର

କଟକ, ୧୯।୭ : କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଜଣେ ନାବାଳକଙ୍କୁ ଉଲଗ୍ନ କରି ମାଡ଼ ମାରିବା ଓ ଭିଡିଓ ଭାଇରାଲ୍? କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ । ଏହି ଘଟଣାରେ ପ୍ରଣବ ସାହୁ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ତିନି ଜଣ ଅଭିଯୁକ୍ତ ବର୍ତ୍ତମାନ ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଖୋଜାଖୋଜି ଜାରି ରଖିଥିବା ଏସିପି ସୂଚନା ଦେଇଛନ୍ତି । ଗତ ୧୫ ତାରିଖ ଦିନ ଚୋରି ସନ୍ଦେହରେ ଚାଉଳିଆଗଞ୍ଜ ଥାନା ଥୋରିଆସାହି ଅଞ୍ଚଳର ନାବାଳକଙ୍କୁ ମଠସାହିର କିଛି ଯୁବକ ଘେରିଯାଇ ଉଲଗ୍ନ କରିବା ସହ ମାଡ଼ ମାରିଥିଲେ । ଆଶ୍ଚର୍ଯ୍ୟଜନକ ଭାବେ, ଆକ୍ରମଣକାରୀଙ୍କ ମଧ୍ୟରେ ନାବାଳକର ନିଜ ବଡ଼ବାପାଙ୍କ ପୁଅ ମଧ୍ୟ ସାମିଲ ଥିଲା । ତେବେ ଚୋରି ସନ୍ଦେହରେ ଅଭିଯୁକ୍ତମାନେ ଦୁଇ ଜଣଙ୍କୁ ମାଡ଼ ମାରିଥିବା ବେଳେ ସେମାନେଙ୍କ ମଧ୍ୟରେ ନାବାଳକ ଜଣକ ମଧ୍ୟ ଥିଲେ । ନାବାଳକଙ୍କୁ ଉଲଗ୍ନ କରି ଯୁବକ ମାଡ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।

ପ୍ରାୟ ତିନି ଦିନ ତଳେ ଏହି ଘଟଣା ଘଟିଥିଲା । ମାଡ଼ ଖାଇ ନାବାଳକ ଜଣକ ଘରକୁ ଫେରିବା ପରେ ମଧ୍ୟ ସେ ପରିବାର ଲୋକଙ୍କୁ ଜଣାଇନଥିଲେ । ଏହି ଘଟଣାରେ ଭିଡିଓ ଭାଇରାଲ ହେବା ପରେ ପରିବାର ଲୋକ ଜାଣିଥିଲେ । ଏନେଇ ପୀଡିତ ନାବାଳକଙ୍କ ପରିବାର ଲୋକ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣାର ସଠିକ ତଦନ୍ତ ଓ ନ୍ୟାୟ ଦାବି କରିଥିଲେ ନାବାଳକଙ୍କ ପରିବାର ଲୋକ । ଅନ୍ୟପଟେ ପୀଡିତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରି କର୍ଯ୍ୟାନୁଷ୍ଠାନ ନେଇଛି ପୋଲିସ ।

ଏସିପି ସୁଧାଂଶୁ ଭୂଷଣ ଜେନା , ଘଟଣାକୁ ନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଥିଲା । ଘଟଣାରେ ସାମିଲ ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଣବ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାର ତଦନ୍ତ ଚାଲିଛି । ଏହି ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ । ନାବାଳକଙ୍କ କିଛି ପରିଚିତ ଲୋକ ଓ ନିଜ ବଡ଼ବାପାଙ୍କ ପୁଅ ଏହି ଘଟଣାରେ ସାମିଲ ଅଛନ୍ତି । ମୋବାଇଲ ଓ ଅଟୋ ବ୍ୟାଟେରୀ ଚୋରି କରିଥିବା ସନ୍ଦେହରେ ସେମାନେ ନାବାଳକଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି ।

# ଶୁଳିଆ ପାହାଡ଼ ତଳେ ତାଳବଣ ନିର୍ମାଣ ପାଇଁ ତାଳମଞ୍ଜି ରୋପଣ

ଓଡ଼ଗାଁ୧୯/୦୭ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନବିଭାଗ ଏବଂ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଗୋଡିପାଟଣା ଶିମିଳିତଇଲା ଶୁଳିଆ ବନ ସୁରକ୍ଷା ସମିତି ମିଳିତ ଆନୁକୁଲ୍ୟରେ ଓଡ଼ଗାଁ ବନାଞ୍ଚଳ ଶୁଳିଆ ସଂରକ୍ଷିତ ଜଙ୍ଗଲ ଶୁଳିଆ ପାହାଡ଼ ପାଦଦେଶରେ ନୂତନ ତାଳବଣ ନିର୍ମାଣ ପାଇଁ ତାଳ ମଞ୍ଜି ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ, ବ୍ଲକ୍ କୃଷି ଅଧିକାରୀ ପ୍ରତିଭା ପ୍ରଧାନ, କୃଷି କର୍ମଚାରୀ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ତାଳ ଗେଟେମା ରୋପଣ କରିଥିଲେ। ବନ ସୁରକ୍ଷା ସମିତିର ସଭାପତି ବିଶ୍ୱାମ୍ବର ପ୍ରଧାନଙ୍କ ସହିତ ଦୀନବନ୍ଧୁ ସାହୁ, ଅନିଲ କୁମାର ଜେନା,



ଆଲୋକ ଜେନା, ସୁଦର୍ଶନ ପ୍ରଧାନ, ପ୍ରୀତମ୍ ପ୍ରୟାଗ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଥାଉକି କାଳକ୍ରମେ ତାଳ ଗଛର ସଂଖ୍ୟା ଦିନକୁ ଦିନ ବହୁ ପରିମାଣରେ କମି ଯାଇଥିବା ବେଳେ ଏବେ ଠାଏଁ ଠାଏଁ ଦେଖିବାକୁ ମିଳୁଛି।ବଜ୍ରପାତ ଯୋଗୁଁ ଅକାଳରେ ମଣିଷ ହୁଅନ୍ତୁ ଅବା ଗୃହ ପାଳିତ ପ୍ରାଣୀଙ୍କୁ ଜୀବନ ହରାଇବାକୁ ପଡୁଥିବା ବେଳେ ତାଳ ଗଛ ଅନେକାଂଶରେ ବଜ୍ରପାତକୁ ଏଡ଼ାଇ ପାରେ। ଏକଥା ଆଗରୁ ଆମ୍ଭେ ଜାଣୁ। ନିଜେ ନିଜ ଆଙ୍ଗୁଠିରେ ନିଜ ଆଖିକୁ ଫୁଟାଇବା ଭଳି ଆମେ ଆମ ଅଞ୍ଚଳରେ ଥିବା ତାଳ ଗଛକୁ କାଟି ପକାଇଲୁ। ଏବେ ତାର ପରିଣାମ ଆମ୍ଭକୁ ଭୋଗିବାକୁ ପଡୁଛି।ଏଣୁ ମୂଲ୍ୟବାନ ଜୀବନ ବଞ୍ଚାଇବା ନିମନ୍ତେ ରାଜ୍ୟ ବନବିଭାଗ ତରଫରୁ ତାଳ ମଞ୍ଜି ରୋପଣ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି।

### ରଥଯାତ୍ରା ଦେଖିବାକୁ ଆସିଥିବା ଯୁବତୀଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ପ୍ରେମିକ ଗିରଫ, ବଡ଼ରମା ଜଙ୍ଗଲରୁ ମୃତଦେହ ଉଦ୍ଧାର

ବାମରା ୧୯/୭, (ଆନିସ): କୁଚିଣ୍ଡା ରଥଯାତ୍ରା ଦେଖିବାକୁ ଆସି ନିଖୋଜ ହୋଇଥିବା ୨୪ ବର୍ଷୀୟା ସରିତା ସାଙ୍କ ହତ୍ୟା ଘଟଣାରେ ପୁଲିସ ଏକ ବଡ଼ ସଫଳତା ହାସଲ କରିଛି। ମୃତ ଯୁବତୀଙ୍କ ପ୍ରେମିକ ଅନିଲ ପୃଶେଠ ପୁଲିସ ଅଟକ ରଖି ପଚରାଉଚରା କରିବା ପରେ ତାଙ୍କ ସୂଚନା ଆଧାରରେ ଜମନକିରା ଥାନା ଅନ୍ତର୍ଗତ ବଡ଼ରମା ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାକୁ ନେଇ ସମଗ୍ର କୁଚିଣ୍ଡା-ଜମନକିରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ପୁଲିସ ସୂଚନା ଅନୁଯାୟୀ, ମହୁଲପାଲି ଥାନା ଅନ୍ତର୍ଗତ କୁସୁମି ମହୁଲଗୁଡ଼ା ଗ୍ରାମର ମନୋଜ ସା ନିଜ ଝିଅ ସରିତା ସା ନିଖୋଜ ହେବା ପରେ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ତେଲିକୁଣ୍ଡାପୋଷି ଅଞ୍ଚଳର ଅନିଲ ପୃଷେଠ ତାଙ୍କ ଝିଅଙ୍କୁ ଅପହରଣ କରି ହତ୍ୟା କରିଥିବା ଏବଂ ମୃତଦେହ ଲୁଚାଇ ରଖିଥିବା ସହ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଦର୍ଶାଇଥିଲେ। ଏହି ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ ମାମଲା ନଂ-୧୫୧, ତାରିଖ ୧୮.୦୭.୨୦୨୬ ରୁଜୁ କରାଯାଇଥିଲା।ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ଅନିଲ ପୃସେଠଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା ବେଳେ ତାଙ୍କ ବୟାନ ଆଧାରରେ ବଡ଼ରମା ଜଙ୍ଗଲରୁ ସରିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ହତ୍ୟାରେ ବ୍ୟବହୃତ ହୋଇଥିବା ସରିତାଙ୍କ ଚୁନରୀକୁ ମଧ୍ୟ ଅଭିଯୁକ୍ତଙ୍କ ଦେଖାଇଥିବା ସ୍ଥାନରୁ ଜବତ କରାଯାଇଛି। ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିବା ପରେ ପୁଲିସ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

ଘଟଣାରେ ବ୍ୟବହୃତ ବୋଲେରୋ ଗାଡ଼ିର ଚାଳକ ସୁନ୍ଦରଗଡ଼ ଜିଲ୍ଲା ଧରୁଆଡିହି ଥାନା ଅନ୍ତର୍ଗତ ତିଲେଇମାଲଟି ଗ୍ରାମର ଅଶୋକ କିଶାନଙ୍କୁ ମଧ୍ୟ ପୁଲିସ ଅଟକ ରଖି ଜେରା କରୁଛି। ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି।

ସମ୍ବଲପୁର ଡିଏଫଏସଏଲ୍? (ଫରେନ୍ସିକ୍) ଟିମ୍? ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ବୈଜ୍ଞାନିକ ଓ ଭୌତିକ ପ୍ରମାଣ ସଂଗ୍ରହ କରିଛନ୍ତି। ପୁଲିସ କହିଛି, ବ୍ୟବଚ୍ଛେଦ ରିପୋର୍ଟ ଓ ଫରେନ୍ସିକ୍? ତଦନ୍ତ ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ। ସେହିପରି ତଦନ୍ତ ଆଗକୁ ବଢ଼ିବା ସହ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଥିଲେ ସେମାନଙ୍କ ବିରୋଧରେ ମଧ୍ୟ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ସୂଚନା ଦେଇଛି।

# ସଡ଼କ ପାର୍ଶ୍ୱ ଖୋଳିବା ଯୋଗୁଁ ଗମନାଗମନ ବାଧାପ୍ରାପ୍ତ

## ବିଭାଗ ମଧ୍ୟରେ ଅସମନ୍ୱୟର ପରିଣାମ ଭୋଗୁଛନ୍ତି ଜନତା



ଓଡ଼ଗାଁ ୧୯/୦୭(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କଲେଜ ରୋଡ଼ ପଶ୍ଚିମ ପାର୍ଶ୍ୱରେ ସହରୀ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ପକାଇବା ନିମନ୍ତେ ରାସ୍ତା ପାର୍ଶ୍ୱ ଖୋଳିବାକୁ ନେଇ ଗମନାଗମନରେ ବାଧା ଉପୁଜିଥିବା ବେଳେ ସାଧାରଣ ଲୋକଙ୍କୁ ଏହାର ପରିଣାମ ଭୋଗିବାକୁ ପଡୁଛି। ଗୋଟିଏ ବିଭାଗ ସହ ଅନ୍ୟ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଓଡ଼ଗାଁ ଏନ୍‌ଏସିର ସବୁଠାରୁ ବ୍ୟସ୍ତବହୁଳ ଓଡ଼ଗାଁ କଲେଜ ରୋଡ଼ରେ ସବୁବେଳେ କାର୍ଯ୍ୟ ଲାଗି ରହିଥିବାରୁ ଏଠି ରାସ୍ତା କାର୍ଯ୍ୟ କେବେହେଲେ ସରୁନାହିଁ ।୨୧ ନମ୍ବର ରାଜ୍ୟ ରାଜପଥର ପଲିଟେକନିକ୍ କଲେଜ ଠାରୁ ଓଡ଼ଗାଁ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ଓସାରିଆ ରାସ୍ତା ନିର୍ମାଣ କାର୍ଯ୍ୟ ସରିବା ପରେ ସେତେବେଳେ ବିଦ୍ୟୁତ୍ ବିଭାଗ ରାସ୍ତା ପାର୍ଶ୍ୱ ଖୋଳିଲେଣି ତ ଅନ୍ୟ କେତେବେଳେ ଟେଲିକମ ବିଭାଗ ରାସ୍ତା ଖୋଳୁଛନ୍ତି। ସହରୀ ପାନୀୟ ଜଳ ଯୋଗାଣ ପାଇଁ ଉକ୍ତ ରାସ୍ତାକୁ ଏକାଧିକଥର ଖୋଳାଯାଉଥିବାରୁ ଏହି ବ୍ୟସ୍ତ ବହୁଳ ରାସ୍ତାଟିରେ ଗମନାଗମନ ପାଇଁ କେହି ନିରାପଦ ମଣୁନାହାନ୍ତି। ଏବଂ ସୁନ୍ଦର ରାସ୍ତା ନିର୍ମାଣ ହୋଇ ଖାଲଖମାରେ ପୂର୍ଣ୍ଣ ହେଉଛି। ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ହେଲେ ହୁଏତ ଅଯଥା ଖର୍ଚ୍ଚକୁ ରୋକା ଯାଇ ପାରନ୍ତା। ଏବଂ ଜନସାଧାରଣ ଏହାର ସୁଫଳ ପାଇ ପାରନ୍ତେ।ପୂର୍ତ୍ତ ବିଭାଗଙ୍କ କୌଣସି ଅନୁମତି ନଥାଇ ବର୍ତ୍ତମାନ ପାଇପ୍ ଲାଇନ୍ ଖୋଳିବାରୁ ଯେଉଁ ରାସ୍ତା ନଷ୍ଟ ହେଲା ତାହା ମରାମତି କରିବା ନିମନ୍ତେ କେଉଁ ବିଭାଗ ଅର୍ଥ ବ୍ୟୟ କରିବ ସେନେଇ କୌଣସି ନିଷ୍ପତ୍ତି ହୋଇନାହିଁ।ଅନ୍ୟ ପକ୍ଷରେ ପୂର୍ତ୍ତ ବିଭାଗ ପାଖରେ ଏ ନେଇ କୌଣସି ସୂଚନା ନଥିବାରୁ ସ୍ଥାନୀୟ ସହକାରୀ ଯନ୍ତ୍ରୀ ରାସ୍ତା ପାର୍ଶ୍ୱ ଖୋଳା ଖବର ପାଇ ବନ୍ଦ୍ କରିବାକୁ କହିଛନ୍ତି। ସାଧାରଣ ସ୍ୱାସ୍ଥ୍ୟ ବିଭାଗ ଏବଂ ପୂର୍ତ୍ତ ବିଭାଗ ମଧ୍ୟରେ ଆଲୋଚନା କରି କାର୍ଯ୍ୟ ହୋଇଥିଲେ ହୁଏତ ପରବର୍ତ୍ତୀ ସମୟରେ ମରାମତ ପାଇଁ ବିଳମ୍ବ ହୋଇନଥାନ୍ତା।କିନ୍ତୁ ଏବେ ଖୋଳା ହୋଇଥିବା ରାସ୍ତା ମରାମତି ହେବା ପର୍ଯ୍ୟନ୍ତ ଗମନାଗମନରେ ବାଧା ସୃଷ୍ଟି ହେବ।

# ସରକାରୀ କାର୍ଯ୍ୟ ବଣ୍ଟନକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ

ସାରସକଣା,୧୯।୭ (ଆନିସ): ମୟୁରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅଞ୍ଚଳ ରେ ରହୁଥିବା ବିଜେପି କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରୁଥିବାର ଦେଖିବାକୁ ମିଳିଛି ସୂଚନା ଅନୁସାରେ ସରକାର ବଦଳିବା ପରେ ବିଜେଡି ରେ ଥିବା ଅନେକ କୁଜିନେତା ଆସି ବିଜେପି ରେ ମିଶି ସେଇ ପୁନରମୂଷିକ ଭ ପରି ଆହୁରି ବେଶି ଦୁର୍ନୀତି କରୁଛନ୍ତି ତେବେ ମୟୂରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନ ମଣ୍ଡଳୀର ଝାରପୋଖରିଆ ମଣ୍ଡଳରେ ଆସିଥିବା ଉନ୍ନୟନ ମୂଳକ ସରକାରୀ କାର୍ଯ୍ୟର ଭାଗବଣ୍ଟା କୁ ନେଇ ନିଜେ ମଣ୍ଡଳ ସଭାପତି ନିଜ ସେସିଆଲ ମିଡିଆରେ ସେ ବିଷୟକୁ ନେଇ କିଛି ଆକ୍ଷେପ କରିବା ଭଳିଆ ମନ୍ତବ୍ୟ ଲେଖିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ବିଜେଡି ଦଳର କିଛି ଠିକାଦାର କାର୍ଯ୍ୟ କରିବା ପାଇଁ ବିଜେପି ରେ ଯୋଗ ଦେବାପରେ ସେମାନେ ମୋଟା ଅଙ୍କର ପିସି ଦେଇ କାର୍ଯ୍ୟ ହାତାଉଛନ୍ତି ଏବଂ ସେହି ସବୁ କାର୍ଯ୍ୟ ନିମ୍ନମାନର ହୋଇ ଥିଲେବି ସରକାରୀ ବାବୁମାନେ କେବଳ ନୀରବ ଦ୍ରଷ୍ଟା ସାଜିଥିବା ଜଣାପଡିଛି ଏଭଳି କାର୍ଯ୍ୟକୁ ଝାରପୋଖରିଆ ମଣ୍ଡଳ ସଭାପତିଙ୍କ ସହ ବହୁ ପୁରୁଣା ବିଜେପି କର୍ମୀମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି । କାରଣ ବିଭିନ୍ନ କାର୍ଯ୍ୟରେ ମୋଟା ପିସି ଦେଇ ନିମ୍ନମାନର ସରକାରୀ କାର୍ଯ୍ୟ ହେଉଥିବାରୁ ବିଜେପି ସରକାର ଏଠି ବଦନାମ ହେଉଛି ତେବେ ଏ ବାବଦରେ ବିଜେପି ମଣ୍ଡଳ ସଭାପତିଙ୍କ ପାଖରୁ କେଣସି ପ୍ରତିକ୍ରିୟା ମିଳିପାରି ନାହିଁ ତେବେ ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଏହିପରି କାର୍ଯ୍ୟ ଚାଲୁଛି ନାଁ କିଛି ପରିବର୍ତ୍ତନ ହେଉଛି ।

# ଯାଜପୁରରେ ସ୍ୱତନ୍ତ୍ର ଲୋକ ଅଦାଲତ

ଯାଜପୁର,୧୯।୭(ଆନିସ) : ଜିଲ୍ଲା ଆଇନସୋ ପ୍ରାଧିକରଣ, ଯାଜପୁର ପକ୍ଷରୁ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସୋ ପ୍ରାଧିକରଣର ଅଧକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଏକ ସତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏହି ସତନ୍ତ୍ର ଲୋକ ଅଦାଲତ ରେ ପରିକ୍ରମ୍ୟ ଦଲିଲ ଆଇନ (ନେଗେସିଏଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ ) ଅଧୀନରେ ୪୧ ଟି ମାମଲା ସମାଧାନ କରାଯାଇଥିବା ବେଳେ ମୋଟ ଟ. ୮୩,୬୬,୮୭୫/- ଆଦାୟ କରାଯଇଥିଲା ଏହା ମାଧ୍ୟମରେ ପକ୍ଷକାର ମାନେ ଦୀର୍ଘ ଆଇନ ଗତ ପ୍ରକ୍ରିୟା ରୁ ମୁକ୍ତି ପାଇବା ସହ ସମୟ ଓ ଅର୍ଥର ସଞ୍ଚୟ କରିପାରିଥିଲେ ଏହି ସତନ୍ତ୍ର ଲୋକ ଅଦାଲତରେ ମୁଖ୍ୟ ବିଭାଗୀୟ ବିଚାରପତି ସର୍ବେଶ୍ୱର ଦାସ, ଏସଡିଜେଏମ୍? ସୁମିତ୍ରା ବିଶ୍ୱାଳ, ଜେଏମଏସସି ଅଂଶୁମାନ ରଥ,ଜେଏମଏସସି ସୁଶ୍ରୀ ବିଣାପାଣୀ ତାଣ୍ଡି, ଯାଜପୁର ନିଜ ନିଜ ଅଦାଲତ ପରିଚାଳନା କରି ମାମଲା ଗୁଡିକର ସମାଧାନ କରିଥିଲେ ଜିଲ୍ଲା ଆଇନ ସୋ ପ୍ରାଧିକରଣ ର ସଚିବ ଲିପା ମହାନ୍ତି ସ୍ୱତନ୍ତ୍ର ଲୋକ ଅଦାଲତର ସଫଳ ଆୟୋଜନ ପାଇଁ ଆବଶ୍ୟକ ସମସ୍ତ ସମନ୍ୱୟ ଓ ସହଯୋଗ କରିଥିଲେ ଏହି ଅବସରରେ ସଚିବ ମହାନ୍ତି ସାଧାରଣ ଜନତା ଙ୍କୁ ଲୋକ ଅଦାଲତ ର ସୁବିଧା ର ସଦୁପଯୋଗ କରି ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସ୍ଥାୟୀ ଓ ଶୀଘ୍ର ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ଲୋକ ଅଦାଲତ ହେଉଛି ଏକ ସହଜ, ଶୀଘ୍ର, ନିଃଶୁଳ୍କ ଏବଂ ପ୍ରଭାବଶାଳୀ ବିବାଦ ସମାଧାନ ବ୍ୟବସ୍ଥା ଏହା ମାଧ୍ୟମରେ ପକ୍ଷକାର ମାନେ ପରସ୍ପର ସହମତିରେ ନିଜ ନିଜ ବିବାଦର ସମାଧାନ କରି ଦୀର୍ଘ ନ୍ୟାୟିକ ପ୍ରକ୍ରିୟାରୁ ମୁକ୍ତି ପାଇ ପାରୁଛନ୍ତି ସୂଚନା ଯୋଗ୍ୟ ଯେ ଏହି ଦିନ ତାଲୁକ ଆଇନ ସୋ କମିଟି ଚଣ୍ଡିଖୋଲ ଏବଂ ଯାଜପୁର ରୋଡ ଠାରେ ମଧ୍ୟ ସତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା

### ଶିଶୁବାଟିକା ପ୍ରମୁଖ କାର୍ଯ୍ୟାଶାଳା

# ସମାରୋପ କାର୍ଯ୍ୟକ୍ରମ

ନୟାଗଡ, ୧୯/୭ (ଆନିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଦୁଇ ଦିନ ଧରି ଚାଲିଥିବା ସମ୍ଭାଗ ସ୍ତରୀୟ ଆଧାର ସ୍ତର ଶିଶୁ



ବାଟିକା ପ୍ରମୁଖ କାର୍ଯ୍ୟଶାଳାର ସମାରୋପ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟଶାଳାରେ ୧୩୬ ଟି ବିଦ୍ୟାଳୟର ୮୬ ଜଣ ଗୁରୁଜୀ ଗୁରୁମା ଯୋଗ ଦାନ ଦେଇ ଶିଶୁ ମାନଙ୍କର ବିକାଶ ଏବଂ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ନୂତନ ପଦକ୍ଷେପ ବିଷୟରେ ଜ୍ଞାନ ଆହରଣ କରିଥିଲେ। ସମାରୋପ କାର୍ଯ୍ୟକ୍ରମରେ ପ୍ରାନ୍ତ ମାଧ୍ୟମିକ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରଥ, ନୟାଗଡ଼ ଜିଲ୍ଲା ସହ ପ୍ରମୁଖ କେଶବ ଚନ୍ଦ୍ର ରାଉତରାୟ, ସଂଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପବିତ୍ର କୁମାର ପଣ୍ଡା, ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ପ୍ରାନ୍ତ ଶିଶୁ ବାଟିକା ସହ ପ୍ରମୁଖ ରୀନା ରାଉତରାୟ, ସମ୍ଭାଗ ଶିଶୁ ବାଟିକା ପ୍ରମୁଖ ଭାଗ୍ୟଲତା ସାହୁ, ବିଦ୍ୟାଳୟ ମୁଖ୍ୟ ପ୍ରଶାସକ ହରେକୃଷ୍ଣ ମୁଦୁଲି, ପ୍ରଶାସକ ଭଗବାନ ସାହୁ ଆଦି ଯୋଗଦାନ ଦେଇ ବହୁ ମୂଲ୍ୟବାନ ମାର୍ଗଦର୍ଶନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ପ୍ରଧାନଙ୍କର ତତ୍ତ୍ୱାବଧାନ ଏବଂ ସମସ୍ତ ସେବବ୍ରତୀଙ୍କର ସହଯୋଗରେ ସାଫଲ୍ୟ ମଣ୍ଡିତ ହୋଇଥିଲା।

# ଆଦିବାସୀ ଙ୍କ ଉନ୍ନତି ପାଇଁ ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ଅଭିନବ ପଦକ୍ଷେପ

ଫୁଲବାଣୀ-୧୯/୦୭ (ଆନିସ): କନ୍ଧମା ଳ ଜିଲ୍ଲାର ଆଦିବାସି ଓ କୁଟିଆକନ୍ଧ ଜନଜାତି ଙ୍କ ସାମାଜିକ, ସାଂସ୍କୃତିକଓ ଅର୍ଥ ନୈତିକ ବିକାଶ ପାଇଁ ବାଲିଗୁଡ଼ା ଆଇଟି ଡି ଏ ପକ୍ଷରୁ ଅନେକ ଗୁଡ଼ିଏ ଅଭିନବ ପ୍ରୟାସ କରଯାଇଛି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା ଙ୍କ ବ୍ୟକ୍ତି ଗତ ନିଷ୍ଠାପର ଉଦ୍ୟମ ଆନ୍ତରିକତା କାର୍ଯ୍ୟ ଦକ୍ଷତା ଓ ବିଶେଷ ଜ୍ଞାନ କୌଶଳ ଯୋଗୁଁ ଏହା ସମ୍ଭବ ହୋଇଥିବା କୁହାଯାଉଛି ପ୍ରଶାସକ ଭାବେ ଆଇ ଟି ଡି ଏ ଦାୟିତ୍ୱ ଗ୍ରହଣ କରିବା ପରେ ଗୁଣାତ୍ମକ କଫି ଚାଷର ପ୍ରଚାର ପ୍ରସାର ସହିତ ଆୟ ବୃଦ୍ଧି, ଗୋଲ ମରିଚ ଚାଷ କୁ ବ୍ୟାପକ କରିବା,



ତତ୍ ସହିତ ହାଇ ବ୍ରିଡ କଦଳୀ ଚାଷ ର ବିକାଶ ସମ୍ଭବ ହୋଇଥିବା ଜଣାପଡିଛି ଜିଲାରେ ହେଉଥିବା ହଳଦୀ ଚାଷ କୁ ଅଧିକ ଗୁରୁତ୍ୱ ଦେବା ଓ ଆଦିବାସୀ ଙ୍କ ଉତ୍ପାଦିତ ହଳଦୀ କୁ ଅଧିକ ଦରରେ ବିକ୍ରୀ କରି ହଳଦୀ ଚାଷୀ ଙ୍କ ଅର୍ଥନୈତିକ ଉନ୍ନତୀ ସମ୍ଭବ ହୋଇଛି ପ୍ରକଳ୍ପ ପ୍ରଶାସକ ବେହେରା ଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ମୁଖ୍ୟ ମନ୍ତ୍ରୀ ଜନ ଜାତି ଜୀବିକା ମିଶନ ରେ ୫୦୦ଏକର ଲକ୍ଷ୍ୟ ଧାର୍ଯ୍ୟ କରି ପ୍ରଥମ ପର୍ଯ୍ୟାୟ ରେ ୨୨୦ଏକର ଗ୍ରାମ୍ୟ ଜଙ୍ଗଲ ରେ ଗୋଲ ମରିଚ ଗଛ ଲଗାଯାଇଛି ସେହିପରି ପର୍ଯ୍ୟଟନ ସ୍ଥଳୀ ଓ ପର୍ଯ୍ୟଟକ ମାନଙ୍କ ପାଇଁ ରହିବା ଓ ଆଦିବାସୀ କଳା ସଂସ୍କୃତିପରମ୍ପରା ଓ ତାଙ୍କ ଜୀବନ ଶୈଳୀ, ଚାଲିଚଳନ ସଂପର୍କରେ ଅଧିକ ଜାଣିବା ପାଇଁ ସେମାନଙ୍କ ବସ୍ତି ରେ ଖାଲି ପଡ଼ିଥିବା ଜାଗା ରେ ହୋମ ଷ୍ଟେ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଏହା ଦ୍ୱାରା ପର୍ଯ୍ୟଟନ ଶିଳ୍ପ ର ବିକାଶ ହେବା ସହ ଅଧିକ ଆୟ ହୋଇପାରିବ ଫଳରେ ସେମାନଙ୍କ ଜୀବନ ଜୀବିକା ରେ ଢେର୍ ପରିବର୍ତ୍ତନ ଆସିବ ବୋଲି ବେହେରା କହିଛନ୍ତି ଏହା ବ୍ୟତୀତ ବାଲିଗୁଡ଼ା ଆଇ ଟି ଡି ଏ ଅନ୍ତର୍ଗତ ବାଲିଗୁଡ଼ା, ତୁମୁଡିବନ୍ଧ, କୋଟଗଡ, କ ନୂଆଗାଁ, ରାଇକିଆ, ଜି ଉଦୟଗିରି, ଚକାପାଦ,ଦାରିଂବାଡ଼ି ଓ ଟିକାବାଲି ଆଦି ୯ଟି ବ୍ଲକ ଅଞ୍ଚଳ ରେ ହାତକୁ ନିଆଯାଉଥିବା ରାସ୍ତା, କଲ୍ ଭର୍ଟ, ପୋଖୋରି, ଆଦି ସମସ୍ତ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟ ଯେପରି ଉନ୍ନତ ମାନର ହେବ ସେଥି ପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ସହକାରୀ ଯନ୍ତ୍ରୀ ପବିତ୍ର ମୋହନ ସାହୁ, କନିଷ୍ଠ ଯନ୍ତ୍ରୀ ମୁର୍ମୁ ଓ ଅନ୍ୟ ମାନଙ୍କୁ ଙ୍କୁ ନିର୍ଦ୍ଦେଶ ଦେଇ ଥିବା ଜଣାପଡିଛି ଫଳରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମାନେ ପ୍ରକଳ୍ପ ପ୍ରଶାସକ ଙ୍କ ନିର୍ଦ୍ଦେଶମାନି ସମସ୍ତ କାର୍ଯ୍ୟ ଯେପରି ଉନ୍ନତ ମାନର ହେବା ସହ ନିର୍ଦ୍ଧାରିତ ସମୟ ସୀମା ପୁର୍ବରୁ ସରିବ ସେଥି ପ୍ରତି ଦୃଷ୍ଟି ଦେଉଥିବା କହିଛନ୍ତି ସେହିପରି ବେଲଘର୍ ସ୍ଥିତ କୁଟିଆ କନ୍ଧ ମାନଙ୍କ ଉନ୍ନତୀ ପାଇଁ ବିଭାଗ ପକ୍ଷରୁ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯାଇଛି ସରକାର ବିଭାଗକୁ ଅଧିକ ଅର୍ଥ ଅନୁଦାନ ଯୋଗାଇ ଦେଲେ ବିଭାଗ ପକ୍ଷରୁ ଆଦିବାସୀ ଓ ଜନ ଜାତି ଙ୍କ ଉନ୍ନତୀ ପାଇଁ ଅନେକ ଗୁଡ଼ିଏ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯାଇପାରିବ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି

# ପତିତପାବନ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କଚ୍ଛପ ଅବତାର

ଦଶପଲ୍ଲା, ୧୯/୭(ଆନିସ): ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ବିଜେ କୁଞ୍ଜବନ ଗଡ଼ ଦଶପଲ୍ଲା ଆଡ଼ପ ମଣ୍ଡପରେ କଛପ ଅବତାର ବେଶ ଧାରଣ କରି ଭକ୍ତ



ମାନଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି। ଅବତାର କ୍ରମରେ ଏହା ଦ୍ୱିତୀୟ ଅବତାର। ମହାପ୍ରଭୁ ସତ୍ୟ ଯୁଗରେ ଏ ଅବତାର ଧାରଣ କରିଥିଲେ। ଦେବତା ଅସୁର ମିଶି କ୍ଷୀର ସାଗର ମନ୍ଥନ କରିବା ପାଇଁ ମନ୍ଦର ଗିରିକୁ ଖୁଆ ଦଣ୍ଡ ରୂପେ ବ୍ୟବହାର କରିଥିଲେ। ନାଗ ରାଜ ବାସୁକି ହେଲେ ରଜ୍ଜୁ। ମାତ୍ର ମନ୍ଦର ପର୍ବତ ସାଗରରେ ରହିଲା ନାହିଁ। ଏଣୁ ଶ୍ରୀ ଶ୍ରୀ ଭଗବାନ ବିଷ୍ଣୁ କଛପ ଅବତାର ଧାରଣ କରି ପିଠିରେ ଧାରଣ କରିଥିଲେ। ସେ ମନ୍ଥନ ରୁଁ ଅମୃତ ସହିତ ୧୪ ପଦାର୍ଥ ବାହାରି ଥିଲେ ଓ ବିଶ୍ୱର ମଙ୍ଗଳ ହୋଇଥିଲା। ଏଣୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କଛପ ଅବତାର ବେଶ ଦର୍ଶନ କଲେ ପୂଣ୍ୟ ଅର୍ଜନ ହେବା ସହ ପାରିବାରିକ, ସାମାଜିକ ଶାନ୍ତି, ପ୍ରଗତି ଓ ସ୍ଥିରତା ଆସିଥାଏ ବୋଲି ବିଶ୍ୱାସ। ଏଣୁ ଏ ଅନନ୍ୟ ବେଶରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ମାନେ ଭିଡ଼ କରିବା ଦେଖା ଯାଉଛି।

# ଜିଲ୍ଲା ସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



କେନ୍ଦ୍ରାପଡ଼ା,୧୯।୭ (ଆନିସ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶନାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡା ମାଧ୍ୟମରେ ଜିଲ୍ଲା ସ୍ତରୀୟ ବିଶ୍ୱ ଜନ ସ୍ୱାସ୍ଥ୍ୟ ଦିବସ ପାଳନ ଗତକାଲି କେନ୍ଦ୍ରାପଡା ପୁରୁଣା ମେଡିକାଲ ସ୍ଥିତ ତାଲିମ ଗୃହରେ ଅନୁଷ୍ଠିତ ହୋଇଯାଇଥିଲା। ସର୍ବ ପ୍ରଥମେ ଗତ ଆର୍ଥିକ ବର୍ଷ ୨୦୨୫-୨୬ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସବ୍ -ଡିଭିଜନାଲ ହସ୍ପିଟାଲ ପଟ୍ଟାମୁଣ୍ଡାଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଟକୁରା, ମହାକାଳପଡ଼ା, ରାଜକନିକା, ରାଜନଗର ଏବଂ ଇନ୍ଦୁପୁର କୁ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ମାନପତ୍ର ସହ ଟ୍ରଫି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ସେହିପରି ସର୍ଜନ ହିସାବରେ ପୁରୁଷ ବନ୍ଧ୍ୟାକରଣ ପାଇଁ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଓ ମହିଳା ବନ୍ଧ୍ୟାକରଣ ପାଇଁ ଡାକ୍ତର ରଶ୍ମିକାନ୍ତ ପାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସେହିପରି ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି ମ୍ୟାନେଜର ପ୍ରଜ୍ଞାନ ଓ ଶିଶୁ ସ୍ୱାସ୍ଥ୍ୟ ଓ ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭେକ୍ସିନ୍ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବ୍ଲକ ସ୍ତରରୁ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଉଭୟ ହସ୍ପିଟାଲ ମ୍ୟାନେଜର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଓ ପି.ପି.ସି ରେ କାର୍ଯ୍ୟରତ ପୂର୍ବତନ ତଥା ବର୍ତ୍ତମାନ ନର୍ସିଂ ଅଫିସର ଙ୍କୁ ସମ୍ବର୍ଦ୍ଧନା କରାଯାଇଛି ଚଳିତ ବର୍ଷ କିପରି ଭାବେ ବିଶ୍ୱ ଜନ ସଂଖ୍ୟା ସ୍ଥିରତା ପକ୍ଷ ଯଥା ୧୧ ରୁ ୨୪ ଜୁଲାଇ ମଧ୍ୟରେ ଏବଂ ଏହି ଆର୍ଥିକ ବର୍ଷ ୨୦୨୬- ୨୦୨୭ କିପରି ଭଲ ଭାବେ ପରିବାର ନିୟୋଜନ କାର୍ଯ୍ୟକ୍ରମ କ୍ଷେତ୍ର ସ୍ତରରେ ହୋଇପାରିବ ତାହା ବିଷୟରେ ସଂପୂର୍ଣ୍ଣ ଆଲୋଚନା ଅଧିକାରୀ ଓ ଅତିଥିମାନେ କରିଥିଲେ ଉଭୟ ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ମାଧ୍ୟମରେ ଗୋଟିଏ ସୁସ୍ଥ ପରିବାର ଗଠନ ଓ କିପରି ବୃଦ୍ଧି ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଓ ଡାକ୍ତର ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଡ଼ ମନୋରଂଜନ ସାହୁ, ଫାଇନାନ୍ସିଆଲ୍ ଅଧିକାରୀ ଆସୁତୋଷ ତ୍ରିପାଠୀ,ଏମ୍ ଓ ଇନ୍ ଚାର୍ଜ -ଡାକ୍ତର ନିରାକାର ପରିଡ଼ା, ଡାକ୍ତର ନିରଞ୍ଜନ କର, ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି, ଡାକ୍ତର ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ପରିବାର ନିୟୋଜନ ଉପରେ ବକ୍ତବ୍ୟ ରଖିଥିଲେ ଅଂଶଗ୍ରହଣକାରୀ ତଥା ସେବାପ୍ରଦାନକାରି ହିସାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ବ୍ଲକ୍ ସ୍ତରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଚଳିତ ବର୍ଷ ସବୁଠୁ ଭଲ କାର୍ଯ୍ୟ କରିଥିବା ଉପଯୁକ୍ତ କ୍ଷେତ୍ର କର୍ମଚାରୀ ମାନଙ୍କୁ ଜିଲ୍ଲା ସ୍ତରରୁ ସମ୍ବର୍ଦ୍ଧନା କରାଯିବା ସହିତ ସମସ୍ତ ବ୍ଲକ୍ କୁ ସେମାନଙ୍କ ଅବଦାନ ନିମନ୍ତେ ମାନପତ୍ର ଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ସଠିକ୍ ଭାବରେ ଗୋଷ୍ଠୀ ସ୍ତରରେ କୌଣସି ଯୋଗ୍ୟ ଦମ୍ପତି କୌଣସି ପରିବାର ନିୟୋଜନ ପଦ୍ଧତି ବିନା ଯେପରି ନ ରୁହନ୍ତି ସେଥିପାଇଁ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦିଆଯାଇଥିଲା। ବିଶ୍ୱ ଜନ ସଂଖ୍ୟା ପାଇଁ ଡେପୁଟୀ ମ୍ୟାନେଜର ଡ଼.ପ୍ରଧାନ ଙ୍କ ଦ୍ୱାରା ଲିଖିତ ସଙ୍ଗୀତ କୁ ଏମ୍ .ଓ , ଇନ୍ ଚାର୍ଜ ପାଟକୁରା ଡାକ୍ତର ନିରଞ୍ଜନ କର ଗୋଟେ ଏ ଆଇ ଗ୍ରୁପ୍ ଦ୍ୱାରା ସଙ୍ଗୀତ ଅଡିଓ ର ରୂପ ଦେଇଥିଲେ ତାହା ସମସ୍ତଙ୍କ ଦ୍ୱାରା ପ୍ରଶଂସା କରା ଯାଇଥିଲା ଜିଲ୍ଲା ସ୍ତରରୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କନ୍ସଲଟାଣ୍ଟ ଉପସ୍ଥିତ ଥିଲେ ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଏ ଏନ୍ ଏମ୍ ତାଲିମ କେନ୍ଦ୍ର ର ପ୍ରିନ୍ସିପାଲ ଅନ୍ୟ ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମ କୁ ଡ. ପ୍ରଧାନ, ଡେପୁଟି ମ୍ୟାନେଜର ସଂଯୋଜନା କରିଥିବା ବେଳେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ

# ଚଦହିଖାଲ ଧାରଣା ପ୍ରସଙ୍ଗ: ୨୪ ଜଣଙ୍କୁ ଏସ୍‌ଡିଏମ୍‌ଙ୍କ ସର୍ତ୍ତମୂଳକ ନୋଟିସ, ବିଏନ୍‌ଏସ୍‌ଏସ୍ ଧାରା-୧୬୩ ଜାରି



ମୁନିଗୁଡ଼ା,୧୯।୭(ଆନିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ଦହିଖାଲ ଛକ ନିକଟରେ ପ୍ରସ୍ତାବିତ ରେଡ୍ ମଡ୍ ପଣ୍ଡ ୟାର୍ଡକୁ ବିରୋଧ କରି ଦୀର୍ଘଦିନ ଧରି ଚାଲିଥିବା ଧାରଣାକୁ ନେଇ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଗୁଣପୁର ଉପଖଣ୍ଡ ମାଜିଷ୍ଟ୍ରେଟ (ଏସ୍‌ଡିଏମ୍) ଛଡ଼ରଙ୍ଗ ଗ୍ରାମର ରାଧାମୋହନ ଟାକ୍ରିଙ୍କ ସମେତ ୨୪ ଜଣଙ୍କ ନାମରେ ସର୍ତ୍ତମୂଳକ ନୋଟିସ ଜାରି କରିଥିବାବେଳେ ଦହିଖାଲ ଛକ ଅଞ୍ଚଳରେ ବିଏନ୍‌ଏସ୍‌ଏସ୍ ଧାରା-୧୬୩ ଲାଗୁ କରାଯାଇଛି।ଅମ୍ବାଦଳା ଥାନା ଆଇଆଇସିଙ୍କ ରିପୋର୍ଟ ଆଧାରରେ ବିଏନ୍‌ଏସ୍‌ଏସ୍ -୨୦୨୩ର ଧାରା-୧୫୨ ଅନୁଯାୟୀ ମାମଲା ରୁଜୁ କରାଯାଇ ଏହି ସର୍ତ୍ତମୂଳକ ଆଦେଶ ଜାରି ହୋଇଛି। ଆଦେଶରେ ଦର୍ଶାଯାଇଛି ଯେ, ଦହିଖାଲ ଛକ ନିକଟ ସାର୍ବଜନୀନ ରାସ୍ତା ଓ ରାସ୍ତାକଡ଼ରେ ଅସ୍ଥାୟୀ ଶେଡ୍ ନିର୍ମାଣ କରି ଗତ ୫ ଜୁନରୁ ଧାରଣା ଜାରି ରହିଛି। ଏହା ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ସାଧାରଣ ଲୋକଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।ପୁଲିସ ଓ ପ୍ରଶାସନ ପକ୍ଷରୁ ଏକାଧିକ ଥର ବୁଝାସୁଝା କରାଯାଇଥିଲେ ମଧ ଧାରଣାକାରୀମାନେ ଶେଡ୍ ହଟାଇବାକୁ ଅସ୍ୱୀକାର କରିଥିବାରୁ ଏସ୍‌ଡିଏମ୍ ୪୮ ଘଣ୍ଟା ମଧ୍ୟରେ ସମସ୍ତ ଅସ୍ଥାୟୀ ଶେଡ୍ ଓ ଅନ୍ୟାନ୍ୟ ଅତିକ୍ରମଣ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଳନ ନ କଲେ ଆସନ୍ତା ୨୧ ଜୁଲାଇ ସକାଳ ୧୧ଟାରେ ଗୁଣପୁର ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହାଜର ହୋଇ କାହିଁକି ଏହି ଆଦେଶକୁ ସ୍ଥାୟୀ କରାଯିବ ନାହିଁ, ସେ ସମ୍ପର୍କରେ କାରଣ ଦର୍ଶାଇବାକୁ କୁହାଯାଇଛି। ଏଥିସହ ଆଦେଶ ଅବମାନନା କଲେ -୨୦୨୩ ଅନୁଯାୟୀ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ଡିଏମ୍ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଓ କାର୍ଯ୍ୟପାଳକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦହିଖାଲ ଛକ ଅଞ୍ଚଳରେ ଧାରା-୧୬୩ ଜାରି କରାଯାଇଛି। ଏହାର ନୋଟିସ ସମ୍ପୃକ୍ତ ସ୍ଥାନରେ ଟାଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ପ୍ରଶାସନର ଏହି ପଦକ୍ଷେପ ପରେ ଦହିଖାଲ ଅଞ୍ଚଳରେ ପରିସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଲେଫ୍ରିପଡ଼ା ଥାନା ଛଟେନପାଲି ନିକଟରେ ପୋଲିସ ଗାଡି ଧକ୍କାରେ ବାଇକ ଆରୋହୀ ତିନି ଗୁରୁତର



ସୁନ୍ଦରଗଡ଼:୧୯।୭ (ଆନିସ): ଜୁଲାଇ ୧୯ ତାରିଖ ଛଟେନ ପାଲି ନିକଟରେ ପୋଲିସ ଗାଡି ଧକ୍କାରେ ବାଇକ ଆରୋହୀ ତିନି ଜଣ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏହି ଅଭାବନୀୟ ଓ ସମ୍ବେଦନ ଶୀଳ ଘଟଣା ଘଟିଛି ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଛଟେନ ପାଲି ନିକଟରେ। ଲେଫ୍ରିପଡ଼ା ଥାନାରେ କାର୍ଯ୍ୟରତ ଥିବା ଓଆର୍ -୦୫ଏଭି-୫୩୩୮ ନମ୍ବର ବିଶିଷ୍ଟ ଗାଡ଼ି ଧକ୍କା ଦେଇଛି ବାଇକ ଆରୋହୀଙ୍କୁ। ତେବେ ଏ ନେଇ ଥାନା ଅଧିକାରୀ କିମ୍ବା ତାଙ୍କ ଅଧସ୍ତନ ଅଧିକାରୀ ମାନେ କେହି ଫୋନର ଉତ୍ତର ଦେଉ ନାହାଁନ୍ତି। ତେବେ ସମସ୍ତ ଗୁରୁତରଙ୍କୁ ସଙ୍ଗୀନ ଅବସ୍ଥାରେ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ସ୍ଥାନାନ୍ତରିତ କରିଥିବା ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି। ଘଟଣା ସ୍ଥଳରେ କେତେ ଜଣ ପୋଲିସ ଠିଆ ହୋଇଥିବା ଦୃଶ୍ୟ ମଧ ଗଣ ମାଧ୍ୟମ ନିକଟରେ ପହଞ୍ଚିଛି। ପୋଲିସ ଗାଡି ଚଳାଉଥିବା ଚାଳକ ପ୍ରକୃତରେ ଅଭିଜ୍ଞ ଚାଳକ ତାହା ଏବେ ସବୁରି ମୁହଁରେ ପ୍ରଶ୍ନ ଆଙ୍କିଛି। ଅପରପକ୍ଷେ ବାଇକ ଆରୋହୀ ମାନଙ୍କ ଘର କୁଆଁର ବଗା ବୋଲି ପ୍ରାଥମିକ ସୂଚନାରୁ ଜଣା ପଡ଼ିଛି। ସବୁଠୁ ରୋଚକ ବିଷୟ ହେଉଛି ଦୁର୍ଘଟଣା ଘଟିବା ପରେ ପୋଲିସ ବାବୁମାନେ ଲୋକଙ୍କ ଆକ୍ରୋଶର ଭୟଙ୍କର ଶିକାର ନ ହେବା ପାଇଁ ଗାଡ଼ିରେ ଲାଗିଥିବା ପୋଲିସ ବତୀ ଉତାରି ଦେଇଛନ୍ତି ।

## ୫ ମୋଟର ସାଇକଲ ସହ ଚାରି ଚୋର ଗିରଫ

ବାଲିଗୁଡ଼ା,୧୯।୭ (ଆନିସ):ଦୀର୍ଘ ଦିନ ହେବ ବାଲିଗୁଡ଼ା ଅଞ୍ଚଳରେ ସକ୍ରିୟ ରହିଥିଲା ବାଇକ୍ ଚୋରୀ ର୍ୟାକେଟ୍। ବିଭିନ୍ନ ଦିଗରୁ ତଦନ୍ତ କରି ବାଲିଗୁଡ଼ା ପୋଲିସକୁ ମିଳିଛି ବଡ ସଫଳତା।

ପାଞ୍ଚ ଗୋଟି ବାଇକ ସହ ଚାରି ଜଣ ଚୋରଙ୍କୁ ଗିରଫ କରିଛି ବାଲିଗୁଡା ପୋଲିସ। ଏହି ଚୋର ମାନେ ବାଲିଗୁଡ଼ା ଅଞ୍ଚଳର ହୋଇଥିବା ସୂଚନା ରହିଛି। ଅଭିଯୁକ୍ତମାନେ ହେଲେ ଆକାଶ ମଲ୍ଲିକ, ବୁଡୁ, ବୟସ -(୧୯), ରାହୁଲ ସିଂହ(୧୭), ଆଜାଦ ନାୟକ(୧୬), ଶକ୍ତିଶେଖର ବେହେରା(୨୧)। ସୂଚନା ଅନୁସାରେ ୧୫ ଜୁଲାଇ ଦିନ ଚାରିଟା ବେଳେ ସମ୍ବିତ ବାରିକ ନାମକ ବ୍ୟାଙ୍କ କର୍ମଚାରୀ ବନ୍ଧନ ବ୍ୟାଙ୍କ ସାମ୍ନାରେ ତାଙ୍କର ଗ୍ଲାମର ମୋଟରସାଇକେଲ୍ (ଓଡି ୦୩ ଏକ୍ସ ୦୫୬୫) ରଖି କାମ କରୁଥିଲେ। ଆସି ଦେଖିଲା ବେଳେ ବାଇକ୍ ଚୋରି ହୋଇଯାଇଥିବା ଜାଣିପାରିଥିଲେ। ସଙ୍ଗେସଙ୍ଗେ ସେ ବାଲିଗୁଡ଼ା ଥାନାରେ ବାଇକ ଚୋରି ହୋଇଯାଇଥିବା ଅଭିଯୋଗ କରିଥିଲେ ।

ଏହି ଆଧାରରେ ବାଲିଗୁଡ଼ା ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ସେମାନଙ୍କ ପାଖରୁ ଦୁଇଟି ଛୁରୀ ଓ ପାଞ୍ଚଟି ଚୋରା ମୋଟରସାଇକେଲ୍ ଜବତ କରାଯାଇଥିଲା। ଦୁଇଟି ଗ୍ଲାମର, ଦୁଇଟି ଏଚ ଏଫ ଡିଲକ୍ସ ଏବଂ ଗୋଟାଏ ବାଜାଜ ପଲସର। ଏହି ମାମଲାରେ କେଶ ନଂ ୧୭୭୨୬ ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସ୍ ଡି ପିଓ ଶୁଭମ ଭୋସଲେ କହିଛନ୍ତି।

# ଚଲାଣପୁଟରେ ପାଳିତ ହେଲା ପାରମ୍ପରିକ ଆସାଢ଼ ଯାତ୍ରା, ଗାଁର ସୁଖଶାନ୍ତି ଓ ଭଲ ଫସଲ ପାଇଁ ପୂଜାର୍ଚ୍ଚନା



ଜୟପୁର,୧୯।୭ (ଆନିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ରାଜୁପୁଟ ପଞ୍ଚାୟତ ଅଧୀନ ଚଲାଣପୁଟ ଗ୍ରାମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଆସାଢ଼ ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ପୂର୍ବପୁରୁଷଙ୍କ ସମୟରୁ ଚାଲିଆସୁଥିବା ଏହି ପରମ୍ପରାକୁ ଆଜି ମଧ ଗ୍ରାମବାସୀ ନିଷ୍ଠାର ସହ ପାଳନ କରି ଆଦିବାସୀ କୋରାପୁଟିଆ ସଂସ୍କୃତିକୁ ଜୀବନ୍ତ ରଖିଛନ୍ତି। ଏହି ଅବସରରେ ଗ୍ରାମର ନାୟକ ସଦନ ମୁର୍ଜା, ଚଲାନ ଲକ୍ଷ୍ମଣ କିର୍ସାନୀ, ପୂଜାରୀ ହରିଶ୍ଚନ୍ଦ୍ର ମଣ୍ଡାଇଙ୍କ ସମେତ ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ସୂର୍ଯ୍ୟଦେବ ଓ ଗ୍ରାମଦେବତାଙ୍କ ନିକଟରେ ଗ୍ରାମର ସୁଖଶାନ୍ତି, ଉତ୍ତମ ବର୍ଷା ଏବଂ ଭଲ ଶସ୍ୟ ଅମଳ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସରପଞ୍ଚ ପିତାମ୍ବର କିର୍ସାନୀ କହିଥିଲେ ଯେ, କୋରାପୁଟ ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟର ଲୋକେ ପ୍ରାଚୀନ ପରମ୍ପରାକୁ ବଜାୟ ରଖି ନିଜ ନିଜ ଗାଁରେ ଏଭଳି ପର୍ବପର୍ବାଣୀ ପାଳନ କରିବା ଉଚିତ। ନିଜେ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଏହି ଐତିହ୍ୟ ଓ ସଂସ୍କୃତି ପ୍ରତି ସେ ଗର୍ବ ଅନୁଭବ କରୁଥିବା କହିଥିଲେ।ଆସାଢ଼ ଯାତ୍ରା କୋରାପୁଟର ଆଦିବାସୀ ସମାଜର ଏକ ପ୍ରମୁଖ ପାରମ୍ପରିକ ପର୍ବ, ଯାହା ପ୍ରକୃତି, କୃଷି ଓ ଗ୍ରାମର ସାମୂହିକ କଲ୍ୟାଣ ସହ ନିବିଡ଼ ଭାବେ ଜଡ଼ିତ।

# ମଧ୍ୟସ୍ଥିଙ୍କୁ ମାଡ଼ମାରିବା ଘଟଣା: ୨ ବର୍ଷ ନଜର ବନ୍ଦୀ ରହିବେ ଦୁଇ ଅଭିଯୁକ୍ତ

ପାରଳାଖେମୁଣ୍ଡି,୧୯।୭ (ଆନିସ): ମଧ୍ୟସ୍ଥିଙ୍କୁ ମାଡ଼ମାରି ଲହୁଲୁହାଣ କରିବା ଘଟଣାରେ ଦୁଇ ବର୍ଷ ନଜର ବନ୍ଦୀର ଆଦେଶ ଶୁଣାଇଛନ୍ତି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ବିଚାରପତି। ରେଳ ଷ୍ଟେସନ ନିକଟସ୍ଥ ବଟବୃକ୍ଷ ନିକଟରେ ଗାଡି ବନ୍ଧା ପକାଇବା ତଥା ପଇସା ଦେଣ ନେଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଚାଲୁଥିବାବେଳେ ମଧ୍ୟସ୍ଥି କରି ଏତଲାକାରି ମାଡ଼ ଖାଇବା ତଥା ଲହୁଲୁହାଣ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ ଓ ୩୨୪ରେ ପାରଳାଖେମୁଣ୍ଡି ମଡେଲ ଥାନା ଅନ୍ତର୍ଗତ ଶାନ୍ତିନଗର ନିବାସୀ ଅଭିଯୁକ୍ତ ବିଜୟକାଳ ପାଣି (୩୦ବର୍ଷ) ଓରଫ ବିଜୟ କୁମାର ନିଲାପୁ ଓ ଗଣେଶ ପାଣି (୫୯ବର୍ଷ) ଓରଫ ଗଣେଶ ନିଲାପୁଙ୍କୁ ଦୋଷୀ ସାବ୍ୟସ୍ତ କରି ୧୫ଦିନ ଭିତରେ ଅଦାଲତରେ ଆତ୍ମ ସମର୍ପଣ କରିବାକୁ କହିଛନ୍ତି। ଏଥି ସହ କୋଡ଼ିଏ ହଜାର ଟଙ୍କା ମୁଚାଲିକାରେ ୨ବର୍ଷ ନଜର ବନ୍ଦୀ ରହିବା ତଥା ସମାଜରେ ବିଶୃଙ୍ଖଳା ସୃଷ୍ଟି କରିଲେ କୌଣସି ବି ସମୟରେ ସଜା ଭୋଗ କରିବାକୁ ପ୍ରସ୍ତୁତ ରହିବା ନେଇ ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୨୨-୦୧-୨୦୨୪ରିଖ ସନ୍ଧ୍ୟା ୭ଘଟିକାରୁ ୭.୩୦ଘଟିକା ସମୟ ମଧ୍ୟରେ ପାରଳାଖେମୁଣ୍ଡି ରେଳ ଷ୍ଟେସନ ନିକଟସ୍ଥ ବଟବୃକ୍ଷ ନିକଟରେ ଗାଡି ବନ୍ଧା ପକାଇବା ତଥା ପଇସା ଦେଣନେଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଚାଲୁଥିବା ବେଳେ ସେ ସମୟରେ ଏତଲାକାରି ଚୈତନ୍ୟ ମାଳି ମଧ୍ୟସ୍ଥି ଭାବେ ସେଠାରେ ପହଞ୍ଚି ବୁଝାସୁଝା କରିବା ସମୟରେ ଅଭିଯୁକ୍ତ ବିଜୟକାଲ ପାଣି ତାଙ୍କୁ ଏକ ଶକ୍ତ ଚାପୁଡ଼ା ମାରି ତାଗିଦ କରି ଏହି ମାମଲାରେ ମୁଣ୍ଡ ନ ଖେଳାଇବାକୁ କହିଥିଲେ । ତାପରେ ଅନ୍ୟ ଅଭିଯୁକ୍ତ ଗଣେଶ ପାଣି ବି ତାଙ୍କୁ ଆକ୍ରମଣ କରିବା ସହ ତଳେ ପକାଇ ଦେଇ ନିସ୍ତୁକ ମାଡ଼ ମାରିବା ସହ ଅଭଦ୍ର ଭାଷାରେ ଗାଳି କରିଥିଲେ। ଏତିକିରେ ତାଙ୍କ ରାଗ ଶାନ୍ତ ହୋଇନଥିଲା। ପରେ ବିଜୟକାଲ ପାଣି ପାଖରେ ଥିବା ଏକ ବଡ଼ ପଥର ଆଣି ଏତଲାକାରିଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଛେଚି ଦେଇଥିଲେ ଓ ପ୍ରଚୁର ରକ୍ତଶ୍ରାବ ହେବାରୁ ଏତଲାକାରି ସେଠି ଅଚେତ ହୋଇ ପଡିଯାଇଥିଲେ। ପରେ ତାଙ୍କ ଘରଲୋକ ସେଠାରୁ ତାଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ଡାକ୍ତରଖାନାରେ ଚିକିତ୍ସା କରାଇବା ବେଳେ ସେଠାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରିବା ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। ପରେ ସେହି ଦିନ ରାତିରେ ଅଭିଯୁକ୍ତମାନଙ୍କ ନାଁରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏତଲାକାରୀ ଏକ ସଙ୍ଗିନ ମାମଲା ଦାୟର କରିଥିଲେ, ଯାହାକି ମାମଲା ନମ୍ବର ୨୧/୨୪ରେ ପଞ୍ଜିକୃତ ହୋଇଥିଲା। ଆଜି ୧୦ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ଦସ୍ତାବିଜକୁ ଆଧାର କରି ନ୍ୟାୟାଧୀଶ ଅଭିଯୁକ୍ତଦ୍ୱୟଙ୍କୁ ଉକ୍ତ ସଜା ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ପ୍ରଥମଥର ଏଭଳି ଘଟଣା ଘଟାଇଥିବାରୁ ତାଙ୍କୁ ଏବେ ଦୁଇ ବର୍ଷ ନଜରବନ୍ଦୀରେ ରଖାଯିବା ସହ ଯଦି କିଛି ବି ଘଟଣାରେ ଜଡ଼ିତ ରୁହନ୍ତି, ତେବେ ନିର୍ଦ୍ଧାରିତ ଧାରା ଅନୁଯାୟୀ ପୂର୍ଣ୍ଣରୂପେ ସଜା ଭୋଗ କରିବେ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି।

# ବିଦ୍ୟାଳୟରେ ସମସ୍ୟାର ସମାଧାନ ଦାବି

ଫିରିଙ୍ଗିଆ,୧୯।୭ (ଆନିସ): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କେଲାପଡା ଗ୍ରାମ ପଞ୍ଚାୟତ ଗେରୁପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧାର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନଥିବା ସହ ଗେଟ ଏବଂ ପାଚେରୀର ଅଭାବ ରହିଛି। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ପାଠପଢ଼ାର ପରିବେଶ ବାଧାପ୍ରାପ୍ତ ହେଉଛି।

ବିଶେଷକରି ବିଦ୍ୟାଳୟଟି ମୁଖ୍ୟ ରାସ୍ତା କଡ଼ରେ ଅବସ୍ଥିତ ଥିବାରୁ ଛୋଟ ଛୋଟ ଶିଶୁମାନଙ୍କ ପାଇଁ ସଡ଼କ ଦୁର୍ଘଟଣାର ଆଶଙ୍କା ରହିଛି। ତେଣୁ ବିଦ୍ୟାଳୟ ପରିସରରେ ଶୀଘ୍ର ପାଚେରୀ ଓ ପ୍ରବେଶ ଗେଟ ନିର୍ମାଣ ସହ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ଅଭିଭାବକ, ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରୁ ଦୃଢ଼ ଦାବି ଉଠିଛି। ଏହି ସମସ୍ୟା ପ୍ରତି ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବିଦ୍ୟାଳୟରେ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ଅଭିଭାବକ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ତତ୍ପର ପୋଲିସ ପ୍ରଶାସନ

ସାନଖେମୁଣ୍ଡି,୧୯।୭ (ଆନିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଞ୍ଜାମ - ଗଜପତି ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ଉଷ୍ମ ପସ୍ରବଣ ତପ୍ତପାଣି ପରିଦର୍ଶନ କରିବା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ,ଗଞ୍ଜାମ ଏସ.ପି ହରିଶ୍ ବି.ସି ବ୍ରହ୍ମପୁର ଏସପି ଡା ଶ୍ରବଣା ବିବେକ ଏମ ଏବଂ ସାନଖେମୁଣ୍ଡି ଗୋଷ୍ଠି ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ଙ୍କ ସମେତ ଜିଲ୍ଲା ର ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ବୃନ୍ଦ ତପ୍ତପାଣି ଗସ୍ତ କରି ସ୍ଥିତି ପରଖି ଫେରିଥିବା ଜଣାପଡ଼ିଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ବୃତାନ୍ତ ହୋଇନଥିଲେ ମଧ ସେ ଅଗଷ୍ଟ ପ୍ରଥମ ସପ୍ତାହରେ ଆସିପାରନ୍ତି ବୋଲି ସୂଚନା ମିଳିଛି। ଜନଜାତି ସମ୍ପ୍ରଦାୟଙ୍କ ଆସ୍ଥା ବିଶ୍ୱାସ ଓ ପରମ୍ପରାର ପ୍ରତୀକ ଭାବେ ପୂଜା ପାଉଥିବା ମା କନ୍ଧୁଣି ଦେବୀଙ୍କ ଆସ୍ଥାନ ତଥା ପ୍ରକୃତିଦତ୍ତ ଆରୋଗ୍ୟ କ୍ଷେତ୍ର ତପ୍ତପାଣି ଉଷ୍ମ ପ୍ରସବଣ ପର୍ଯ୍ୟଟନ କ୍ଷେତ୍ରର ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ସହ ଜନଜାତି ଲୋକଙ୍କ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସରକାର ୧୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ତପ୍ତପାଣି ଉଷ୍ମ ପ୍ରସବଣ ପର୍ଯ୍ୟଟନ କ୍ଷେତ୍ରକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ସହ ଦକ୍ଷିଣ ଓଡ଼ିଶାର ପ୍ରବେଶ ଦ୍ୱାର ତପ୍ତପାଣି ଠାରୁ ଜିରାଙ୍ଗ ବୌଦ୍ଧ କ୍ଷେତ୍ର, ମହେନ୍ଦ୍ରଗିରି, ରାୟଗଡା, କୋରାପୁଟ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ଗତ ୨୦୨୫ ନଭେମ୍ବର ୧୭ ତାରିଖରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତପ୍ତପାଣି ଉଷ୍ମ ପ୍ରସବଣ ପର୍ଯ୍ୟଟନ କ୍ଷେତ୍ରର ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ପ୍ରକୃତି ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ସୁରକ୍ଷାକୁ ଗୁରତ୍ୱ ଦିଆଯିବ ବୋଲି କୁହାଯାଇଛି। ତପ୍ତପାଣି ଅଞ୍ଚଳର ପ୍ରାକୃତିକ ସବୁଜିମାର ସୁରକ୍ଷା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ଗୁଦାଦଣି ସମେତ ୪ ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

# ବର୍ଷା ଦିନେ ନଦୀ ଯୋଗୁଁ ହନ୍ତସନ୍ତ ସାଧାରଣ ଜନତା



ଫିରିଙ୍ଗିଆ,୧୯।୭ (ଆନିସ): ସ୍ୱାଧୀନତା ର ଦୀର୍ଘ ବର୍ଷ ପରେ ବି ଅବହେଳିତ ଫିରିଙ୍ଗିଆ ବ୍ଲକର ଅନେକ ଉପାନ୍ତ ଅଞ୍ଚଳବାସୀ। ଏବେ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରେ ପେଷି ହେଉଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନା ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି । କେଉଁଠି ରାସ୍ତା ଘାଟ ନାହିଁତ କେଉଁଠି ଆଜି ପର୍ଯ୍ୟନ୍ତ ସାଧାରଣ ଭାବରେ ପିଇବା ପାଣି ପାଇଁ ଲୋକେ ତହଳ ବିକଳ ହଉଛନ୍ତି । ଯାତାୟତ ଓ ପିଇବାପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖୁବାକୁ ମିଳୁଛି। ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୧୫ କିଲୋମିଟର ଦୂର ଓ ନୂଆପଦର ପଞ୍ଚାୟତର କାଳିପାଙ୍ଗା ଗାଁ ଛକରୁ ମାତ୍ର ୪ ରୁ ୫ କିଲୋମିଟର ଦୂର ଗୁଦାଦଣି, ଲଇଯୋଡି, ଦାମାଯୋଡି, ବେଡାକେତା, ଲାଡୁମାହ ଲୋକମାନେ ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇ ରହିଛନ୍ତି । ଗାଁକୁ କେବଳ ବିଦ୍ୟୁତ ସଂଯୋଗ ହୋଇଛି ବିଦ୍ୟୁତ କଟିଲେ ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଅନ୍ଧାରରେ ଜୀବନ କାଟନ୍ତି । ବର୍ଷା ଦିନେ ଆସିଲେ ନଦୀ ପାର କରିବା ଅସମ୍ଭବ ହୋଇ ପଡ଼ୁଛି।ଆଜି ପର୍ଯ୍ୟନ୍ତ ନଦୀ ଉପରେ ପୋଲ ଟିଏ ପାଇଁ ଗ୍ରାମ ବାସୀ ବହୁତ ବର୍ଷ ହେଲା ଗୁହାରି ଜଣେଇଛନ୍ତି । ଏହି ଗାଁକୁ ରାସ୍ତା ଟିଏ ବି ହୋଇ ପାରି ନାହିଁ ଯାହାଦ୍ୱାରା ଅଞ୍ଚଳବାସୀ ଯାତାୟତ ସମସ୍ୟା ଭୋଗୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ୭ ରୁ ୮ କିଲୋମିଟର ଯିବାକୁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧା ଭୋଗୁଥିବା କହିଛନ୍ତି । ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ବର୍ଷା ଦିନେ ଖଟିଆ କିମ୍ବା ଦୋଳାରେ ବୋହି କିଲୋମିଟର କିଲୋମିଟର ଦୂର ଆଣିବା ଏମାନଙ୍କ ପାଇଁ ସାଧାରଣ ହୋଇଯାଇଛି । ଆଜି ପର୍ଯ୍ୟନ୍ତ ଏହି ଗାଁ ଲୋକେ ଆମ୍ବୁଲାନ୍ସ ଗାଡି ଯିବାର ଦେଖି ନାହାନ୍ତି, ଏହି ଗାଁକୁ ଯିବାକୁ ହେଲେ ବାଟରେ ୩ଟି ନାଳ ପଡ଼ୁଥିବା ବେଳେ ଗୋଟିଏ ନଦୀରେ ବିଦ୍ୟୁତ ଖୁଣ୍ଟ ପକାଇ ଲୋକେ ଯାତାୟତ କରୁଛନ୍ତି । ଖରା ଦିନରେ ଯାତାୟତ କାଠ ପୋଲ ଉପରେ କରୁଥିବା ବେଳେ ବର୍ଷା ଦିନ ଆସିଲେ ପ୍ରାୟତଃ ଏମାନଙ୍କ ପାଇଁ ଯୋଗାଯୋଗ ବିଛିନ୍ନ ହୋଇଥାଏ । ମେଡିକାଲ ସମସ୍ୟା ସହ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଚାଉଳ ଆଣିବା ହେଉ କି ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଲୋକେ ବହୁ କଷ୍ଟ ସହିବାକୁ ପଡୁଥିବା କହିଛନ୍ତି ଗ୍ରାମବାସୀ, ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଥିଲା କିନ୍ତୁ ଗତ କିଛି ବର୍ଷ ପୂର୍ବରୁ ତାହା ଉଠି ଯିବାରୁ ପିଲାଙ୍କ ପାଠ ପଢ଼ାରେ ମଧ ଡୋରି ବାନ୍ଧି ଥିବା ବେଳେ ଅଧିକାଂଶ ପିଲା ପାଠ ନପଢି ଘରେ ରହିଥିବା କହିଛନ୍ତି ଗ୍ରାମବାସୀ । ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଛୋଟ ଛୋଟ ପିଲା ମାନେ କାଳିପାଙ୍ଗା ଯିବାକୁ ହେଲେ ପାଖାପାଖି ଜଙ୍ଗଲ ରାସ୍ତା ଦେଇ ୪ କିଲୋମିଟର ଯିବାକୁ ପଡୁଥିବାରୁ କେହି ପିଲାମାନଙ୍କୁ ଛାଡୁ ନାହାନ୍ତି। ଜଙ୍ଗଲ ଏରିଆ ହୋଇଥିବାରୁ ପିଲାଙ୍କ ପାଠ ପଢା ସମସ୍ୟା ପାଲଟିଛି, ବର୍ତ୍ତମାନ ସୁଦ୍ଧା ଗାଁରେ ପିଇବାକୁ ପାଣି ଟୋପାଏ ମିଳି ପାରୁନାହିଁ ଏଣୁ ଏହି ସମୂହ ଅଞ୍ଚଳବାସୀ ଦୀର୍ଘ ଦିନରୁ ଗାଁକୁ ରାସ୍ତା ଖଣ୍ଡିଏ ବ୍ୟବସ୍ଥା କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏମିତିକି ନିର୍ବାଚିତ ପ୍ରତିନିଧିଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ଏହି ଘଟଣାକୁ ନେଇଁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି । ତୁରନ୍ତ କାଳୀପଙ୍ଗା ଠାରୁ ବେଡାକେତା ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ଦୂର ରାସ୍ତା ନିର୍ମାଣ କରିବା ସହ ପିଇବା ପାଣିର ବ୍ୟବସ୍ଥା କରିବାକୁ ସମୂହ ଅଞ୍ଚଳର ମୁଜାରାମ କହଁର, କୁବେର ଦୀପ, ଶିବ କହଁର, ଧନମତି କହଁର, ବେଳାରସନ କହଁର, ଡୁମା କହଁର, ରଞ୍ଜି କହଁର, ପ୍ରତିମା କହଁର, ପୁରୁନ୍ଧେ କହଁର, ପେଟା ଦୀପ, ସୁକାନ୍ତି ଦୀପଙ୍କ ସହ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ଆସିକା ମହିଳା କଲେଜରେ ଚାରା ରୋପଣ

ଆସିକା,୧୯।୭ (ଆନିସ): ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଯୁବ ରେଡକ୍ରସର ସଂଯୋଜିକା ଡ଼. ଲିଲା ଲିଲିୟନ ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ସଂଯୋଜିକା ଡ଼.ଜୟପ୍ରଦା ମହାପାତ୍ରଙ୍କ ସଂଯୋଜନାରେ କଲେଜର ଅଧକ୍ଷ ଡ଼.ସରୋଜ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଜଙ୍ଗଲ ଓ ପ୍ରକୃତି ସୁରକ୍ଷା ପାଇଁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରି କଲେଜ ହତା ମଧ୍ୟରେ ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ମାନେ ସହଯୋଗ କରିଥିଲେ । କଲେଜ ହତା ମଧ୍ୟରେ ନୀଳଗିରି, କଦମ, ଲେମ୍ବୁ, ବାଦାମ, କୃଷ୍ଣ ଚୁଡା, ନିମ ସମେତ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଯୁବ ରେଡକ୍ରସ ବାହିନୀର ଛାତ୍ରୀ ଓ ଜାତୀୟ ସେବା ଯୋଜନାର ଛାତ୍ରୀ ମାନେ ସହଯୋଗ କରିଥିଲେ।

# ପୋଲିସ ଗାଡି ଧକ୍କାରେ ଦୁଇ ମୃତ, ଜଣେ ଗୁରୁତର

ସୁନ୍ଦରଗଡ:୧୯/୦୭(ଆନିସ) : ଜୁଲାଇ ୧୯ ତାରିଖ ରବିବାର ଦିନ ଛଟେନପାଲି ନିକଟରେ ପୋଲିସ ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମଧ୍ୟରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ମୃତ୍ୟୁ ସହ ସଂଘର୍ଷ କରୁଛି। ଏହି ଅଭାବନୀୟ ଓ ସମ୍ବେଦନଶୀଳ ଘଟଣା ଘଟିଛି ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଛଟେନପାଲି ନିକଟରେ। ଲେଫ୍ରିପଡ଼ା ଥାନାରେ କାର୍ଯ୍ୟରତ ଥିବା –୦୫–୫୩୩୮ ନମ୍ବର ବିଶିଷ୍ଟ ଗାଡ଼ି ଧକ୍କା ଦେଇଛି ବାଇକ ଆରୋହୀଙ୍କୁ। ମୃତ ଓ ଗୁରୁତରଙ୍କୁ ପୋଲିସ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ସ୍ଥାନାନ୍ତରିତ କରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଘଟଣା ସ୍ଥଳରେ କେତେ ଜଣ ପୋଲିସ ଠିଆ ହୋଇଥିବା ଦୃଶ୍ୟ ମଧ୍ୟ ଗଣମାଧ୍ୟମ ନିକଟରେ ଖବର ପହଞ୍ଚିଛି। ପୋଲିସ ଗାଡି ଚଳାଉଥିବା ଚାଳକ ପ୍ରକୃତରେ ଅଭିଜ୍ଞ ଚାଳକ ନା ମଦ ପିଇ ଗାଡି ଚଳାଉ ଥିଲା ତାହା ଏବେ ସବୁରି ମୁହଁରେ ପ୍ରଶ୍ନ ଆଙ୍କିଛି। ଅପର ପକ୍ଷେ ବାଇକ ଆରୋହୀ ମାନଙ୍କ ଘର କୁଆଁରବଗା ବୋଲି ପ୍ରାଥମିକ ସୂଚନାରୁ ଜଣା ପଡ଼ିଛି। ସବୁଠୁ ରୋଚକ ବିଷୟ ହେଉଛି ଦୁର୍ଘଟଣା ଘଟିବା ପରେ ପୋଲିସ ବାବୁମାନେ ଲୋକଙ୍କ ଆକ୍ରୋଶର ଭୟଙ୍କର ଶିକାର ନ ହେବା ପାଇଁ ଗାଡ଼ିରେ ଲାଗିଥିବା ପୋଲିସ ବତୀ ଉତାରି ଦେଇଛନ୍ତି ।

## ଖପ୍ରାଖୋଲରେ କାର୍ଯ୍ୟରତ ଲୋକ ସୂଚନା ଅଧିକାରୀଙ୍କ ଦାୟିତ୍ୱ ହୀନତା

ଖପ୍ରାଖୋଲ ୧୯।୦୭ (ଆନିସ) : ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ରେ ଥିବା ସୂଚନା ଅଧିକାରୀ ମାନଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ କୌଣସି ସୂଚନା ଦେବାରେ ଇଚ୍ଛା ପ୍ରକାଶ କରୁନଥିବା ଜାଣିବାକୁ ମିଳୁଛି । କାର୍ଯ୍ୟାଳୟରେ ଆରାମରେ ବସି ଦିନ ଗଡ଼ାଇ ମୋଟା ଅଙ୍କର ଦରମା ମାସ କୁ ମାସ ପାଉଛନ୍ତି । ଜଣାଯାଏ, ବ୍ଲକ କାର୍ଯ୍ୟାଳୟ ରେ ପ୍ରଥମ ଅପିଲ ଅଧିକାରୀ, ଜନ ସୂଚନା ଅଧିକାରୀ ଓ ସହକାରୀ ଜନସୂଚନା ଅଧିକାରୀ ରହିଛନ୍ତି ହେଲେ ଦୁଃଖ ର ବିଷୟ କୌଣସି ସୂଚନା ମାଗିଲେ ଦେଉନାହାନ୍ତି ଫଳରେ ସୂଚନା ମାଗିଥିବା ହିତାଧିକାରୀଙ୍କୁ ଅନ୍ଧାରରେ ରଖି ନିଜର ଦୋଷ ତୃଟି କୁ ଘଷ୍ଟ ଗୋଡାଇବାରେ ଲାଗିଛନ୍ତି । ସରକାର ଯେଉଁ କାର୍ଯ୍ୟ ପାଇଁ ସେମାନଙ୍କୁ ସେହି ପଦରେ ନିଯୁକ୍ତି ପ୍ରଦାନ କରିଛନ୍ତି ସେହି ପଦ ମର୍ଯ୍ୟାଦା ରଖି କାର୍ଯ୍ୟ କରୁନଥିବା ଦେଖା ଦେଉଛି । କେଉଁ କାରଣ ଯୋଗୁଁ ସୂଚନା ପ୍ରଦାନକାରି ଅଧିକାରୀ ମାନେ ସୂଚନା ପ୍ରଦାନ ନକରି ଗୋଡ଼ରେ ଗୋଡ଼ ପକାଇ କାର୍ଯ୍ୟାଳୟ ରେ ବସି ବସି ଦରମା ନେଉଛନ୍ତି କିଛି ଜଣା ପଡୁନାହିଁ । ଏମାନଙ୍କ ଉପରେ ସରକାର କାହିଁକି ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି ତାହା ପରିତାପର ବିଷୟ ଅଟେ । ଗଣତନ୍ତ୍ର ଶାସନରେ ନାଗରିକ ମାନଙ୍କ ଅଧିକାର ରୁ ତାଙ୍କୁ ବଞ୍ଚିତ କରାଯାଉଛି କିଛି ଜଣାପଡୁନାହିଁ । ଏହାର ନିରପେକ୍ଷ ତଦନ୍ତ କଲେ ସମସ୍ତ ତଥ୍ୟ ଲୋକ ଲୋଚନକୁ ଆସି ପାରନ୍ତା ।

# ନବୀନଙ୍କ ପ୍ରଶଂସାରେ ଶତମୁଖ ବ୍ୟାଡମିଣ୍ଟନ ସୁପରଷ୍ଟାର ପି.ଭି. ସିନ୍ଧୁ

## ମହାପ୍ରଭୁଙ୍କ ଦର୍ଶନ କରିବାକୁ ଜାହିର କଲେ ଇଚ୍ଛା


ଭୁବନେଶ୍ୱର:ଜାପାନ ଓପନ୍–୨୦୨୬ର ମହିଳା ସିଙ୍ଗଲ୍ସ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି ଭାରତୀୟ ବ୍ୟାଡମିଣ୍ଟନ ସୁପରଷ୍ଟାର ପି.ଭି. ସିନ୍ଧୁ। ଟାଇଟଲ ହାସଲ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଏକ୍ସରେ ସିନ୍ଧୁଙ୍କୁ ଶୁଭେଚ୍ଛା ଜଣେଇଥିଲେ । ଏହି ବାର୍ତ୍ତାର ଉତ୍ତରରେ ନବୀନ ପଟ୍ଟନାୟକଙ୍କୁ ସେ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶା ସହ ନିଜର ଆତ୍ମୀୟ ସମ୍ପର୍କର କଥା ଉଲ୍ଲେଖ କରିଛନ୍ତି । ନବୀନଙ୍କ ପ୍ରଶଂସାରେ ମଧ୍ୟ ଶତମୁଖ ହୋଇଛନ୍ତି ବ୍ୟାଡମିଣ୍ଟନ ଆଇଡ଼ଲ ସିନ୍ଧୁ । ଖୁବ୍‌ଶୀଘ୍ର ପୁରୀ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ ମଧ୍ୟ କରିଛନ୍ତି ।ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି ସିନ୍ଧୁ ଜାପାନ ଓପନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି । ଘରୋଇ ଖେଳାଳି ତଥା ତିନିଥର ବିଶ୍ୱ ଚାମ୍ପିଅନ୍ ଆକାନେ ୟାମାଗୁଚିଙ୍କୁ ସିଧାସଳଖ ସେଟରେ ପରାସ୍ତ କରି ସିନ୍ଧୁ ପ୍ରଥମ ଭାରତୀୟ ଭାବେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟର ମୁକୁଟ ହାସଲ କରିଛନ୍ତି । ଫାଇନାଲ ମ୍ୟାଚରେ ଆକାନେ ୟାମାଗୁଚିଙ୍କୁ ସିଧାସଳଖ ଗେମରେ ୨୧–୧୭, ୨୧–୧୭ରେ ସିନ୍ଧୁ ପରାସ୍ତ କରିଛନ୍ତି । ପ୍ରାୟ ୫୦ ମିନିଟ ଧରି ଚାଲିଥିବା ଏହି ରୋମାଞ୍ଚକର ମୁକାବିଲାରେ ସିନ୍ଧୁ ଦମଦାର ପ୍ରଦର୍ଶନ କରି ବିଜୟୀ ହୋଇଛନ୍ତି । ଏହି ଐତିହାସିକ ବିଜୟ ସହ ସେ ଭାରତୀୟ ବ୍ୟାଡମିଣ୍ଟନ ପାଇଁ ଏକ ନୂଆ ଅଧ୍ୟାୟ ଲେଖିଛନ୍ତି । ଫିଟନେସ ଓ ଫର୍ମକୁ ନେଇ ସଂଘର୍ଷ କରୁଥିବା ୩୧ ବର୍ଷୀୟା ସିନ୍ଧୁ ଦୀର୍ଘ ୧୯ ମାସ ପରେ କୌଣସି ୱାର୍ଲ୍ଡ ଟୁର ଟାଇଟଲ ନିଜ ନାଁରେ କରିଛନ୍ତି । ପୂର୍ବରୁ କୌଣସି ଭାରତୀୟ ଖେଳାଳୀ ଏହି ଗୌରବ ହାସଲ କରିନାହାନ୍ତି । ଏହି ଐତିହାସିକ ସଫଳତା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଏକ୍ସ ଜରିଆରେ ସିନ୍ଧୁଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ନିଖୁଣ ପ୍ରଦର୍ଶନର ପ୍ରଶଂସା କରିଛନ୍ତି । ଜବାବରେ ନବୀନ ଜଣାଇଥିବା ଶୁଭେଚ୍ଛା ବାର୍ତ୍ତା ପାଇଁ ସିନ୍ଧୁ ଧନ୍ୟବାଦ ଜଣାଇଛନ୍ତି । ନବୀନଙ୍କ ବାର୍ତ୍ତାର




ଉତ୍ତରରେ ସିନ୍ଧୁ କହିଛନ୍ତି, ତାଙ୍କ ଶ୍ୱଶୁର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି । ଶଶୁର ସବୁବେଳେ ନବୀନଙ୍କ ନେତୃତ୍ୱ ଏବଂ ଓଡ଼ିଶାର ଶାସନ ବ୍ୟବସ୍ଥାର ଉଚ୍ଚ ପ୍ରଶଂସା କରିଆସିଛନ୍ତି । ନବୀନଙ୍କ ଶୁଭେଚ୍ଛା ତାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଓ ପ୍ରେରଣାଦାୟକ ବୋଲି ସିନ୍ଧୁ ଉଲ୍ଲେଖ କରିଛନ୍ତି ।ସିନ୍ଧୁ ଆହୁରି ମଧ୍ୟ ଲେଖିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ସମୟରେ ଏହି ବିଜୟ ହାସଲ କରିବା ତାଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ । ଖୁବଶୀଘ୍ର ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେବେ ବୋଲି ଆଶା ପ୍ରକାଶ କରିଛନ୍ତି । ପିଭି ସିନ୍ଧୁଙ୍କ ଶଶୁର ହେଉଛନ୍ତି ଜି ଟି ଭେଙ୍କଟେଶ୍ୱର ରାଓ । ଜି ଟି ଭେଙ୍କଟେଶ୍ୱର ରାଓ ୧୯୯୦ ବ୍ୟାଚର ଆଇଆରଏସ ଅଧିକାରୀ । ଜନପ୍ରଶାସନ, ଇ–ଗଭର୍ନାନ୍ସ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ସେ ଭାରତ ସରକାରଙ୍କ ତରଫରୁ ତିନୋଟି ଜାତୀୟ ପୁରସ୍କାର ହାସଲ କରିଛନ୍ତି । ୩୨ ବର୍ଷର ଦୀର୍ଘ ସରକାରୀ କାର୍ଯ୍ୟଜୀବନରେ ସେ ଆୟକର ବିଭାଗ, ସିଙ୍ଗାପୁରସ୍ଥିତ ଭାରତୀୟ ଉଚ୍ଚାୟୋଗ ଏବଂ ତେଲେଙ୍ଗାନା ସରକାରରେ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି । ୨୦୨୨ ମସିହାରେ ପ୍ରିନ୍ସିପାଲ କମିଶନର ଅଫ୍ ଇନକମ୍ ଟ୍ୟାକ୍ସ ଭାବେ କାର୍ଯ୍ୟରତ ଥିବାବେଳେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ । ଜାପାନ ଓପନ୍‌ରେ ଏହି ଐତିହାସିକ ବିଜୟ ସହ ପି.ଭି. ସିନ୍ଧୁ ନିଜ କ୍ୟାରିୟରରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛନ୍ତି । ଏହା ସହ ବିଶ୍ୱ ବ୍ୟାଡମିଣ୍ଟନରେ ଭାରତର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବେ ସେ ନିଜର ସ୍ଥାନକୁ ପୁଣିଥରେ ସୁଦୃଢ଼ କରିଛନ୍ତି ।

# ୱାଙ୍ଗଚୁକ୍‌ଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଆବେଦନ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ: ସାମାଜିକ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ୍‌ଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ତାଙ୍କ ପତ୍ନୀଙ୍କ ଆବେଦନ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି, ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାର



ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ମନମୁଖୀ ନଥିଲା। ମାମଲାର ଶୁଣାଣି କରି ଜଷ୍ଟିସ୍ ମିନି ପୁଷ୍କର୍ଣ୍ଣ କହିଛନ୍ତି, ସଫଦରଜଙ୍ଗ ହସ୍ପିଟାଲର ଡାକ୍ତର ସୋନମ୍ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାର ତଦାରଖ କରୁଛି। ତାଙ୍କ ଉପରେ କୌଣସି ଜୋରଜବରଦସ୍ତି ହେଉଛି ବୋଲି କୁହାଯାଇପାରିବ ନାହିଁ। ୱାଙ୍ଗଚୁକ୍‌ଙ୍କୁ ତାଙ୍କ ସମ୍ମତିରେ ବିନା ଚିନିର ଔଷଧ ପାଟିରେ ଦିଆଯାଇଥିଲା। କୋର୍ଟ କହିଛନ୍ତି, ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ଥିଲେ ମଧ୍ୟ ସେ ନିଜେ ହସ୍ପିଟାଲରେ ଭର୍ତ୍ତି ହେଉନଥିଲେ। ତେଣୁ ସରକାରଙ୍କୁ ଦଖଲ ଦେବା ଅଧିକାର ଥିଲା। ବାର୍ ଓ ବେଞ୍ଚ ରିପୋର୍ଟ ଅନୁଯାୟୀ, କୋର୍ଟ ସରକାରଙ୍କ ପଦକ୍ଷେପ ଯେଉଁଥିରେ ୱାଙ୍ଗଚୁକ୍‌ଙ୍କ ପରିବାରକୁ ବିନା କୌଣସି କଟକଣାରେ ଦିନ ସାରା ଭେଟିବାକୁ ଦିଆଯାଇଥିଲା ସେ ଉପରେ ଗୁରୁତ୍ୱ ଦେଇଥିଲେ। ହସ୍ପିଟାଲରେ ୱାଙ୍ଗଚୁକ୍ ପରିବାରକୁ ଏକ ସ୍ୱତନ୍ତ୍ର କକ୍ଷ ଦିଆଯାଇଥିବା କଥାକୁ ମଧ୍ୟ କୋର୍ଟ ଗୁରୁତ୍ୱ ଦେଇଥିଲେ। ତେଣୁ କୋର୍ଟ ଏହି ସ୍ଥିତିରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବାର ଆବଶ୍ୟକତା ନଥିବା କହିଥିଲେ। ୱାଙ୍ଗଚୁକଙ୍କ ମେଡିକାଲ ରିପୋର୍ଟ ପରିବାର ଲୋକଙ୍କୁ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ କରିଛନ୍ତି। ଏହାପୂର୍ବରୁ ୱାଙ୍ଗଚୁକ୍‌ଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଓକିଲ କପିଲ ସିବଲ, ବିବେକ ତନ୍ଖା ଓ ଅଖିଳ ସିବଲ କହିଥିଲେ ଯେ, ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହେବା ପରେ ୱାଙ୍ଗଚୁକ୍ ନିଜ ଓକିଲ ଓ ଡାକ୍ତରଙ୍କ ସହିତ ସମ୍ପର୍କ କରିପାରୁନାହାନ୍ତି। ସେ କହିଛନ୍ତି, ସେ ଅଧିକ କିଛି ଦାବି କରୁନାହାନ୍ତି, କେବଳ ତାଙ୍କ ସ୍ୱାମୀଙ୍କୁ ମେଦାନ୍ତ ହସ୍ପିଟାଲ ନେଇଯିବାକୁ ଚାହୁଁଛନ୍ତି। ୱାଙ୍ଗଚୁକ୍ ଗିରଫ ହୋଇନାହାନ୍ତି। ତାଙ୍କ ବିରୋଧରେ କୌଣସି ମାମଲା ନାହିଁ। କ'ଣ ଭାରତୀୟ ନାଗରିକଙ୍କୁ ନିଜ ପସନ୍ଦର ହସ୍ପିଟାଲ ଯିବାର ଅଧିକାର ନାହିଁ। ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ, ଯଦି ୱାଙ୍ଗଚୁକଙ୍କ ସହିତ କିଛି ଘଟିଯାଏ ତେବେ ଏହାର ପରିଣାମ ବଡ଼ ହେବ। ତାଙ୍କ ପତ୍ନୀ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ଚାହୁଁଥିବା ବିଷୟରେ ଶର୍ମା ଦର୍ଶାଇଥିଲେ ଯେ ରାଷ୍ଟ୍ରପତି ମଧ୍ୟ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଥାନ୍ତି।ଯଦି ୱାଙ୍ଗଚୁକ୍‌ଙ୍କୁ ସଫଦରଜଙ୍ଗରୁ ସ୍ଥାନାନ୍ତର କରାଯାଏ ତେବେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିବ ବୋଲି ପୂର୍ବରୁ ସରକାରଙ୍କ ସୂତ୍ର ଗୁଡ଼ିକ ସୂଚାଇଥିଲେ। କେନ୍ଦ୍ର କୋର୍ଟଙ୍କୁ ୱାଙ୍ଗଚୁକ୍‌ଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲା। ଖଣ୍ଡପୀଠ କହିଛନ୍ତି ଯେ, ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। କୋର୍ଟ ତିନି ଦିନ ମଧ୍ୟରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ୱାଙ୍ଗଚୁକ୍ ଜୁନ୍ ୨୮ ତାରିଖରୁ ଅନଶନରେ ବସିଛନ୍ତି।

## ରାଜ୍ୟରେ ନୀଳ ଅର୍ଥନୀତିକୁ ଗୁରୁତ୍ୱ

# ୨୫ ହଜାର କୋଟି ଟଙ୍କାର ମାଛ ରପ୍ତାନୀ ଲକ୍ଷ୍ୟ

ବ୍ରହ୍ମପୁର,୧୯।୭(ଆନିସ): ଦେଶରେ ନୀଳ ଅର୍ଥନୀତିର ବିକାଶ ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି । ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂର୍ତ୍ତି ପାଇଁ ନୀଳ ଅର୍ଥନୀତି କ୍ଷେତ୍ରରେ ଅଗ୍ରଗତି ଦ୍ୱାରା ଦେଶକୁ ଆଗକୁ ନେବା ପାଇଁ ଆହ୍ୱାନ ରହିଛି । ଏହି କ୍ଷେତ୍ରରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜର ମତ ରଖିଛନ୍ତି । ପୂର୍ବରୁ ଗଭୀର ସମୁଦ୍ର ମଧ୍ୟରେ ମାଛ ଧରିବା ପାଇଁ ଯେଉଁ କଟକଣା ରହିଥିଲା ତାହା ବର୍ତ୍ତମାନ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡାସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଓ ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦ ପକ୍ଷରୁ ଦୁଇ ଦିନିଆ ଜାତୀୟ କନକ୍ଲେଭ ଆୟୋଜିତ ହୋଇଯାଇଛି ।

ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧି ମାନେ ନିଜର ଅଭିନବ ଉପାୟରେ ପ୍ରସ୍ତୁତ କରିଥିବା ମାଛରେ ମୂଲ୍ୟଯୁକ୍ତ ଦ୍ରବ୍ୟକୁ ବିଶେଷଜ୍ଞ ସମ୍ମୁଖରେ ଉପସ୍ଥାପନ କରିଥିଲେ । ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ କିପରି ପୂର୍ବରୁ ୧୨ ନଟିକାଲ ମାଇଲ୍ ଅର୍ଥାତ୍ ୨୦ ରୁ ୨୨ କିଲୋମିଟର ମଧ୍ୟରେ ଯେଉଁ ମାଛ ଧରିବାକୁ ମତ୍ସ୍ୟଜୀବୀଙ୍କୁ ଅନୁମତି ଥିଲା ଏବଂ ବର୍ତ୍ତମାନ ତାହାକୁ ପରିବର୍ତ୍ତନ କରାଯାଇଛି ବୋଲି କହିଥିଲେ । ମତ୍ସ୍ୟ କ୍ଷେତ୍ରର ଉନ୍ନତି ପାଇଁ ମାନ୍ୟବର କୁଳପତି ଓ ବିଭାଗୀୟ ମନ୍ତ୍ରୀଙ୍କୁ ମହାବିଦ୍ୟାଳୟର ଡିନ୍ ତଥା କନକ୍ଲେଭର ସଂଯୋଜକ ପ୍ରଫେସର ନିତ୍ୟାନନ୍ଦ ଦାସ ସାଧୁବାଦ ଜଣାଇଥିଲେ । ବର୍ତ୍ତମାନ ଆମେ ଅଗଭୀର ସମୁଦ୍ର ମଧ୍ୟକୁ ଯାଇପାରିବା ଓ ଏଥିପାଇଁ ନୀତି ନିର୍ଦ୍ଧାରଣ ହୋଇ ସାରିଥିବା କହିଛନ୍ତି ମନ୍ତ୍ରୀ । ଏହାରି ମାଧ୍ୟମରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିପାରିବା । ଓଡିଶାରୁ ପ୍ରତ୍ୟେକ ବର୍ଷ ପାଖାପାଖି ୫୫୦୦କୋଟି ଟଙ୍କାର ମାଛ ବାହାରକୁ ରପ୍ତାନୀ ହେଉଛି । ଆଗାମୀ ଦିନରେ ଏହି ସଂଖ୍ୟାକୁ ୨୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି । ପୂର୍ବରୁ ଦୁଇ କିଲୋମିଟର ମଧ୍ୟରେ ଚିଙ୍ଗୁଡ଼ି ଚାଷ କରାଯାଇପାରୁଥିଲା ତାହା ବର୍ତ୍ତମାନ କ୍ୟାବିନେଟ ଅନୁମତି ପରେ ସମୁଦ୍ରର ହାଇଟାଇଡ ଅଞ୍ଚଳର ୧୦ କିଲୋମିଟର ପର୍ଯ୍ୟନ୍ତ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ଡବଲ ଇଞ୍ଜିନ ସରକାରରେ ମତ୍ସ୍ୟଜୀବୀଙ୍କ ପାଇଁ ଡବଲ ପଲିସି ରହିଥିବା ମନ୍ତ୍ରୀ କହିଛନ୍ତି । ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ଆସିଛି ।


ଏହି ଦୁଇ ଯୋଜନାରେ ଚାଷୀଙ୍କ ପାଇଁ ପୋଖରୀ ଖୋଳିବା ଠାରୁ ଆରମ୍ଭ କରି ଯାଆଁଳା ପ୍ରଦାନ, ମାଛ ଖାଦ୍ୟ ପ୍ରଦାନ ଠାରୁ ନେଇ ବଜାରରେ ବିକ୍ରି କରି ଭାଲ୍ୟୁ ଆଡିସନ କରିବା ପର୍ଯ୍ୟନ୍ତ ସବ୍–ସିଡିର ବ୍ୟବସ୍ଥା କରାଯାଇଛି । ଯାହାକି ମାଛଚାଷ ପାଇଁ ସମସ୍ତଙ୍କ ଆଗ୍ରହ ବୃଦ୍ଧି ପାଉଛି, ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟରେ ଦୁଇ ଦିନିଆ ଜାତୀୟ କନକ୍ଲେଭ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ କାର୍ଯ୍ୟରତ ପ୍ରଫେସର ଜି .ଜୟସୀକରନ ଯୋଗ ଦେଇ ମତ୍ସ୍ୟ ଉଦ୍ୟୋଗିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ନିଜ ବକ୍ତବ୍ୟରେ ମତ୍ସ୍ୟ ଯୋଜନା ପ୍ରଣୟନ ଦ୍ୱାରା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଉଥିବା ବାଖ୍ୟା କରିବା ସହିତ ମତ୍ସ୍ୟ ଉଦ୍ୟୋଗୀ ସୃଷ୍ଟି ହେବା ଦ୍ୱାରା ଆତ୍ମନିଯୁକ୍ତି ସୃଷ୍ଟି ହୋଇପାରୁଥିବା କହିଥିଲେ । ଅଭିନବ ଉପାୟରେ ମତ୍ସ୍ୟ ସମ୍ପଦକୁ ବ୍ୟବହାର କରି ଭିନ୍ନ ପ୍ରକାର ମୂଲ୍ୟ ଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ କରିବା ଦ୍ୱାରା ମାଛର ଚାହିଦା ବଢିବା ସହିତ ମତ୍ସ୍ୟ ଉଦ୍ୟୋଗୀ ସୃଷ୍ଟି ହୋଇପାରିବ ବୋଲି ମହାବିଦ୍ୟାଳୟର ଡିନ୍ ତଥା କନକ୍ଲେଭର ସଂଯୋଜକ ପ୍ରଫେସର ନିତ୍ୟାନନ୍ଦ ଦାସ କହିଥିଲେ ।

ଜଣେ ଛାତ୍ରୀ କହିଛନ୍ତି, ଆମେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ଏକ ଉଦୀୟମାନ କ୍ଷେତ୍ର ଭାବେ ଦେଖୁଛେ । ଏହି କ୍ଷେତ୍ରରେ ଭାଲ୍ୟୁ ଆଡିସନ୍, ସ୍ଥାୟୀ ବିକାଶକୁ ଗୁରୁତ୍ୱ ଦେବା ଦ୍ୱାରା ନୀଳ ଅର୍ଥନୀତି ଅଗ୍ରଗତି କରିବ । ଏହା ଦ୍ୱାରା ବିକସିତ ଭାରତ ୨୦୪୭ ଓ ବିକସିତ ଓଡ଼ିଶା ୨୦୩୬ ସ୍ୱପ୍ନ ପୂର୍ଣ୍ଣ ହୋଇପାରିବ ।

# ବିଶ୍ୱକପ୍ ଫାଇନାଲ୍ ପୂର୍ବରୁ ଭାବୁକ ହେଲେ ମେସି

ନୂଆଦିଲ୍ଲୀ, ୧୯।୭: ଫିଫା ବିଶ୍ୱକପ୍ ୨୦୨୬ ଫାଇନାଲ୍ ଠିକ୍ ପୂର୍ବରୁ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ନିଜ ଦଳ ପାଇଁ ଏକ ଅତ୍ୟନ୍ତ ଭାବୁକ ବାର୍ତ୍ତା ସେୟାର କରିଛନ୍ତି। ସ୍ପେନ୍ ବିପକ୍ଷରେ ହେବାକୁ ଥିବା ଏହି ଟାଇଟଲ୍ ମୁକାବିଲା ପୂର୍ବରୁ, ୩୯ ବର୍ଷୀୟ ମେସି ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ ତାଙ୍କ ନଜରରେ ସବୁଠାରୁ ବଡ଼ ସଫଳତା କେବଳ ଟ୍ରଫି ଜିତିବା ନୁହେଁ, ବରଂ ଦଳ ସହିତ ବିତାଇଥିବା ସମ୍ପୂର୍ଣ୍ଣ ଯାତ୍ରା ଏବଂ ପାରସ୍ପରିକ ସମ୍ପର୍କ ଅଟେ। ମେସି ନିଜ ସନ୍ଦେଶ ସହିତ ଆର୍ଜେଣ୍ଟିନା ଦଳର ଖେଳାଳି, କୋଚିଂ ଷ୍ଟାଫ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କର ଏକ ଗ୍ରୁପ୍ ଫଟୋ ମଧ୍ୟ ସେୟାର କରିଛନ୍ତି। ଏହି ଫଟୋ ମାଧ୍ୟମରେ ସେ ଦଳର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଏକତା ଏବଂ ପାରିବାରିକ ପରିବେଶ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛନ୍ତି।

ମେସି ନିଜ ବାର୍ତ୍ତାରେ ଲେଖିଛନ୍ତି, ଏହି ସବୁ ବର୍ଷର ସବୁଠାରୁ ସୁନ୍ଦର କଥା କେବଳ ଟ୍ରଫି ନଥିଲା, ବରଂ ସମ୍ପୂର୍ଣ୍ଣ ଯାତ୍ରା ଥିଲା। ଏହି ଗ୍ରୁପ୍ ସହିତ ପ୍ରତିଦିନ ବିତାଇବା, ଏକାଠି ପ୍ରତିଦ୍ୱନ୍ଦ୍ୱିତା କରିବା, କଠିନ ସମୟରେ ପରସ୍ପରକୁ ସମ୍ଭାଳିବା ଏବଂ ପ୍ରତ୍ୟେକ ପଦକ୍ଷେପର ଆନନ୍ଦ



ନେବା ହିଁ ସବୁଠାରୁ ବଡ଼ ସଫଳତା।

ମେସି ନିଜ ସନ୍ଦେଶରେ କେବଳ ଖେଳାଳିମାନଙ୍କୁ ନୁହେଁ, ବରଂ କୋଚ୍ ଲିଓନେଲ ସ୍କାଲୋନିଙ୍କ ନେତୃତ୍ୱରେ ଥିବା କୋଚିଂ ଷ୍ଟାଫ୍ ଏବଂ ଦଳର ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ୍ୟ ବିଶେଷ ଭାବେ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, ମୋର ପ୍ରତ୍ୟେକ ସାଥୀ ଖେଳାଳି, କୋଚିଂ ଷ୍ଟାଫ୍ ଏବଂ ସେହି ସମସ୍ତ ଚମତ୍କାର ବ୍ୟକ୍ତିମାନଙ୍କୁ ଧନ୍ୟବାଦ, ଯେଉଁମାନେ ପ୍ରତିଦିନ ଏହି ଜାତୀୟ ଦଳକୁ ଏକ ପରିବାର ଭାବେ ଗଢ଼ି ରଖିବା ପାଇଁ ପରିଶ୍ରମ କରୁଛନ୍ତି। ଆସନ୍ତାକାଲି ଯାହା ବି ହେଉ, ଏହି ଗ୍ରୁପ୍ ପୂର୍ବରୁ ହିଁ ଏମିତି ଏକ କାହାଣୀ ଲେଖିସାରିଛି ଯାହାକୁ ଆମେ କେବେ ଭୁଲିପାରିବା ନାହିଁ ଏବଂ ଯାହାକୁ କେହି ଲିଭାଇ ପାରିବେ ନାହିଁ। ବାମୋସ୍ ଆର୍ଜେଣ୍ଟିନା!

ବିଗତ କିଛି ବର୍ଷ ମଧ୍ୟରେ ଆର୍ଜେଣ୍ଟିନାର ସଫଳତା ପଛରେ କେବଳ ଚମତ୍କାର ପ୍ରଦର୍ଶନ ନୁହେଁ, ବରଂ ଦଳ ଭିତରେ ଥିବା ମଜବୁତ ଏକତା ଏବଂ ପାରସ୍ପରିକ ବିଶ୍ୱାସ ମଧ୍ୟ ଏକ ବଡ଼ କାରଣ ବୋଲି ବିବେଚନା କରାଯାଏ। ଅଧିନାୟକ ମେସି ଅନେକ ସମୟରେ ଉଲ୍ଲେଖ କରିଛନ୍ତି ଯେ ଡ୍ରେସିଂ ରୁମ୍‌ର ପରିବେଶ ଏବଂ ଖେଳାଳିମାନଙ୍କ ମଧ୍ୟରେ ଥିବା ଗଭୀର ସମ୍ପର୍କ ହିଁ ଦଳକୁ କଠିନ ପରିସ୍ଥିତିରୁ ବାହାରକୁ ଆଣିଥାଏ। ଫାଇନାଲ୍ ପୂର୍ବରୁ ଆସିଥିବା ତାଙ୍କର ଏହି ସନ୍ଦେଶ ସେହି ଭାବନାକୁ ଦର୍ଶାଉଛି ଏବଂ ଏହା ଖେଳାଳିମାନଙ୍କ ମନୋବଳ ବଢ଼ାଇବାରେ ସହାୟକ ହେବ। ସ୍ପେନ୍ ବିପକ୍ଷରେ ହେବାକୁ ଥିବା ଏହି ମୁକାବିଲା ଲିଓନେଲ ମେସିଙ୍କ କ୍ୟାରିୟରର ତୃତୀୟ ଫିଫା ବିଶ୍ୱକପ୍ ଫାଇନାଲ୍ ହେବ। ଏହା ପୂର୍ବରୁ ସେ ୨୦୧୪ ରେ ଜର୍ମାନୀ ବିପକ୍ଷରେ ଫାଇନାଲ୍ ଖେଳିଥିଲେ, ଯେଉଁଠାରେ ଆର୍ଜେଣ୍ଟିନାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାପରେ ୨୦୨୨ ରେ ସେ ନିଜ ଅଧିନାୟକତ୍ୱରେ ଆର୍ଜେଣ୍ଟିନାକୁ ବିଶ୍ୱ ଚାମ୍ପିଅନ୍ କରାଇଥିଲେ ଏବଂ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଦେଶକୁ ତୃତୀୟ ବିଶ୍ୱକପ୍ ଜିତାଇଥିଲେ। ଏବେ ମେସି କ୍ରମାଗତ ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ୍ ଜିତି ନିଜର ଐତିହାସିକ କ୍ୟାରିୟରରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ପ୍ରୟାସ କରିବେ।

ଫାଇନାଲ୍‌ରେ ଆର୍ଜେଣ୍ଟିନା ସମ୍ମୁଖରେ ଶକ୍ତିଶାଳୀ ଏବଂ ସନ୍ତୁଳିତ ସ୍ପେନିସ୍ ଦଳ ରହିବ। ସ୍ପେନ୍ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଫାଇନାଲ୍‌ରେ ପହଞ୍ଚିଛି। ଏଭଳି ପରିସ୍ଥିତିରେ ଫୁଟବଲ୍ ପ୍ରେମୀମାନେ ଦୁଇଟି ପ୍ରତିଷ୍ଠିତ ଦଳ ମଧ୍ୟରେ ଏକ ଅତ୍ୟନ୍ତ ରୋମାଞ୍ଚକର ମ୍ୟାଚ୍‌ର ଆଶା ରଖିଛନ୍ତି। ଯଦିଓ ଆର୍ଜେଣ୍ଟିନା ଉପରେ ବିଶ୍ୱାସ ଅଛି ଯେ ଦଳର ଏକତା, ଅଭିଜ୍ଞତା ଏବଂ ମେସିଙ୍କ ଅଧିନାୟକତ୍ୱ ସେମାନଙ୍କୁ ଆଉ ଥରେ ଇତିହାସ ରଚିବାର ସୁଯୋଗ ଦେଇପାରେ।

## ରାମମନ୍ଦିର ଦାନଚୋରି ମାମଲା

# ସ୍ୱତନ୍ତ୍ର ଯାଞ୍ଚ ପାଇଁ ମୋଦୀଙ୍କୁ ପତ୍ର ଲେଖିଲେ ରାହୁଲ

ନୂଆଦିଲ୍ଲୀ: ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଛନ୍ତି। କଂଗ୍ରେସ ନେତାଦ୍ୱୟ ଏହି ମାମଲାରେ ନିରପେକ୍ଷ ଯାଞ୍ଚ ଦାବି କରିଛନ୍ତି।

କଂଗ୍ରେସ ନେତାମାନେ ଲେଖିଛନ୍ତି ଯେ ଯେଉଁ ଲକ୍ଷଲକ୍ଷ ଭକ୍ତ ଆସ୍ଥାର ସହ ଦାନ କରିଥିଲେ ଏହି ଚୋରି ଯୋଗୁ ସେମାନେ ଏବେ ଧୋକା ଅନୁଭବ କରୁଛନ୍ତି। ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ନେତା ଦ୍ୱୟ କହିଛନ୍ତି ଯେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଆଦୌ ସ୍ୱୀକାର୍ଯ୍ୟ ନୁହେଁ। ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ପତ୍ର ସୋସିଆଲ ମିଡିଆ ଏକ୍ସ ରେ ସେୟାର କରିଛନ୍ତି। ସେ ଲେଖିଛନ୍ତି 'ପ୍ରଧାମନ୍ତ୍ରୀ ଜୀ କୋଟିକୋଟି ଭକ୍ତ ଶ୍ରୀରାମ ମନ୍ଦିରରେ ଆସ୍ଥାର ସହିତ ନିଜ କଷ୍ଟାର୍ଜିତ ଆୟ ଦାନ କରିଛନ୍ତି–ସେଠାରେ ଦାନ ଚୋରି ଏବେ କାହାରିକୁ ଅଛପା ନାହିଁ। ଟ୍ରଷ୍ଟର ସବୁ ସଦସ୍ୟଙ୍କୁ ଆପଣଙ୍କ ସରକାର ବାଛିଥିଲେ। ଏହି ଦାନ ଚୋରିକୁ ନେଇ ଆପଣଙ୍କ ନୀରବତା ଆଦୌ ସ୍ୱୀକାର୍ଯ୍ୟ ନୁହେଁ'। କଂଗ୍ରେସ ନେତା ଲେଖିଛନ୍ତି ଯେ ତୁରନ୍ତ ନିରପେକ୍ଷ ଯାଞ୍ଚ କରାନ୍ତୁ ଓ ପୁରା ହିସାବ କିତାବ ସାର୍ବଜନିକ କରନ୍ତୁ।

ଆପଣଙ୍କ ସରକାରର ବିଶ୍ୱସନୀୟତା ଏବେ ଆପଣଙ୍କ କାମ ଉପରେ ନିର୍ଭର କରୁଛି। ସେହିପରି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ରବିବାର ଏକ୍ସ ରେ ଏକ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଆର୍ଥିକ ବ୍ୟାପାରର ନିରପେକ୍ଷ ଓ ବ୍ୟାପକ ଯାଞ୍ଚ ଦାବି କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମର ମିଳିତ ପତ୍ର'। ଖଡଗେ ଜୁଲାଇ ୧୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ପତ୍ର ସୋସିଆଲ ମିଡିଆରେ ସେୟାର କରି ଲେଖିଛନ୍ତି ଯେ ମନ୍ଦିର ଦାନ ରାଶି ଚୋରି ଯୋଗୁ ଲକ୍ଷ୍ୟଲକ୍ଷ୍ୟ ଭକ୍ତ ଏବେ ସେମାନେ ଠକି ଯାଇଥିବାର ଅନୁଭବ କରୁଛନ୍ତି।

ରାମମନ୍ଦିରରେ ଲୋକେ କରୁଥିବା ଦାନର ଚୋରି ମାମଲା ଜୁନ ପ୍ରଥମ ସପ୍ତାହରେ ଦେଶ ସାମ୍ନାକୁ ଆସିଥିଲା। ଏହି ମାମଲାରେ ଦାନ ଗଣନା ସହ ସମ୍ପୃକ୍ତ ମାତ୍ର ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଟ୍ରଷ୍ଟର ଦୁଇଜଣ ପଦାଧିକାରୀ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ମାମଲାରେ ଟ୍ରଷ୍ଟର ଅଭିଯୋଗ ଆଧାରରେ ପୋଲିସ ଜୁନ ୨୫ ତାରିଖରେ ଏଫଆଇଆର ରୁଜୁ କରିଥିଲା।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, **Ph. (0680) 3560603, 7749999711, 9337892106,**

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
**Editor: Pramod Kumar Panda**